## ୮୦ହଜାର ଜରିମାନା ଆଦାୟ

ବାଲିଅନ୍ତା,(ଡି.ଏନ୍.ଏ.): ବାଲିଅନ୍ତା ପୋଲିସ ସୋମବାର ରାତିରେ ବେଆଇନ ଭାବେ ଚାଲାଣ ହେଉଥିବା ୨ମାଟି ବୋଝେଇ ହାଇୱା ଓ ଗୋଟିଏ ଟ୍ରାକ୍ଟରକୁ ସାଇଫନ ଛକରୁ ଜବତ କରି ଥାନାକୁ ଆଣିଥିଲେ। ଏନେଇ ସ୍ଥାନୀୟ ତହସିଲଦାର ସରୋଜ ପଣ୍ଡାଙ୍କୁ ଅବଗତ କରାଯାଇଥିଲା। ପରେ ତହସିଲଦାର ପଣ୍ଡା ୨ ହାଇୱା ମାଲିକଙ୍କଠାରୁ ୮୦ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ। ଅନ୍ୟପଟେ ଟ୍ରାକ୍ଟର ମାଲିକଙ୍କ ଠାରୁ ମଧ ଜରିମାନା ଆଦାୟ କରାଯିବ ବୋଲି ଜଣାପଡ଼ିଛି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ସର୍ବଭାରତୀୟ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ରାଜ୍ୟସ୍ତରୀୟ କାର୍ଯ୍ୟକାରିଣୀ ଓ ମହା ସମାବେଶ, ଜୟଦେବ ଭବନ, ପୂର୍ବାହ୍ନ ୧୦ଟା।
- ଜାତୀୟ ଦଳିତ ଆଦିବାସୀ ମହାସଂଘ ପକ୍ଷରୁ ଗଣ ଧାରଣା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ପୂର୍ବ ରଙ୍ଗ ଜାତୀୟ ନାଟ୍ୟ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

## ସଂକ୍ଷେପରେ

### ଅଟଳ ଇନ୍‌କ୍ୟୁବେଶନ ସେଣ୍ଟରର ଶୁଭାରମ୍ଭ

ବାରଙ୍ଗ,୨।୩(ଡି.ଏନ୍.ଏ.): ଭାରତ ସରକାରଙ୍କ ନୀତି ଆୟୋଗ ସହଭାଗିତାରେ ଭୁବନେଶ୍ୱରସ୍ଥିତ ନାଳନ୍ଦା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଫାଉଣ୍ଡେଶନର ସ୍ଥାପନା ସହିତ ଏକ ନୂତନ ଟେକ୍ନୋଲୋଜି ବିଜ୍‌ନେସ୍ ଇନ୍‌କ୍ୟୁବେଶନ ସେଣ୍ଟର, ଅଟଳ ଇନ୍‌କ୍ୟୁବେଶନ ସେଣ୍ଟରର ମଙ୍ଗଳବାର ଶୁଭାରମ୍ଭ ହୋଇଛି। କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଏଆଇସି-ଏନ୍‌ଆଇଟିଏଫ୍‌ର ନିର୍ଦ୍ଦେଶକ ତପନ କୁମାର ଚାନ୍ଦଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହା ଉଦ୍‌ଘାଟିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ଆତ୍ମନିର୍ଭର ଭାରତକୁ ପୂରଣ କରିବାରେ ଉକ୍ତ ସେଣ୍ଟର ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମନ୍ତ୍ରୀ ଷଡ଼ଙ୍ଗୀ କହିଛନ୍ତି। ଏହି ଅବସରରେ ୧୦ଟି ଷ୍ଟାର୍ଟଅପ୍ ପାଇଁ ୧୬.୫କୋଟି ଟଙ୍କାର ନିବେଶ ଘୋଷଣା କରାଯାଇଥିଲା। ଏହାକୁ ଫଣ୍ଡ୍‌ଫ୍ଲୋ ଇଷ୍ଟ ସମିଟ୍‌ରେ ସ୍ଥାପନ କରାଯାଇଥିଲା।

### ଆତ୍ମାହୁତି ଧମକ ଦେଲା ଗୃହରକ୍ଷୀ ମହାସଂଘ

ଭୁବନେଶ୍ୱର, ୨।୩ (ବ୍ୟୁରୋ)- ରାଜ୍ୟର ସମସ୍ତ ପ୍ରକାର ଆଇନଶୃଙ୍ଖଳା ପରିସ୍ଥିତିଠାରୁ ଆରମ୍ଭ କରି ପ୍ରଶାସନିକ ଓ ସର୍ବସାଧାରଣଙ୍କ ସୁରକ୍ଷା କ୍ଷେତ୍ରରେ ଗୃହରକ୍ଷୀମାନେ କାର୍ଯ୍ୟ କରୁଛନ୍ତି। ଏମାନଙ୍କର କୌଣସି ସାମାଜିକ ସୁରକ୍ଷା ନ ଥାଇ ମଧ ସରକାରୀ କର୍ମଚାରୀଙ୍କ ଭଳି ବର୍ଷସାରା ବିଭିନ୍ନ କାର୍ଯ୍ୟ ସମ୍ପାଦନ କରି ଆସୁଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଗୃହରକ୍ଷୀ ଶହୀଦ ମଧ ହୋଇଛନ୍ତି। ତଥାପି ସରକାର ଗୃହରକ୍ଷୀଙ୍କ ପାଇଁ ସରକାରୀ ସାହାଯ୍ୟ ବା ସୁରକ୍ଷା ଗ୍ରହଣ କରିନାହାନ୍ତି ବୋଲି ରାଜ୍ୟ ଗୃହରକ୍ଷୀ ମହାସଂଘ ଅଭିଯୋଗ କରିଛି। ଏନେଇ ମଙ୍ଗଳବାର ମହାସଂଘ ପକ୍ଷରୁ ବିଧାନସଭା ସମ୍ମୁଖରେ ଧାରଣା ଦିଆଯାଇଛି। ସରକାର ତୁରନ୍ତ ଏହାର ତଦାରଖ କରି ଗୃହରକ୍ଷୀଙ୍କୁ ଓଡ଼ିଶା ଅଗ୍‌ଜୁ୍ୟଲାରି ପୋଲିସ/ ଫାୟାର ଫୋର୍ସ ଭାବେ ପଦୋନ୍ନତି କରିବା, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସର୍ବନିମ୍ନ ବେତନହାର ସହ ମହଙ୍ଗା ଭତ୍ତା ପ୍ରଦାନ କରିବା ଆଦି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ସରକାର ତୁରନ୍ତ ଦାବି ପୂରଣ ନ କଲେ ବିଧାନସଭା ସମ୍ମୁଖରେ ଆମରଣ ଅନଶନ ସହ ଆତ୍ମାହୁତି ଦିଆଯିବ ବୋଲି ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

### ପାରିବାରିକ କଳହରୁ ଆତ୍ମହତ୍ୟା ସନ୍ଦେହ

ଭୁବନେଶ୍ୱର,୨।୩(ବ୍ୟୁରୋ): ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରଙ୍ଗମାଟିଆ ଗ୍ରାମରେ ରହୁଥିବା ଜଣେ ବ୍ୟକ୍ତି ସୋମବାର ବିଳମ୍ବିତ ରାତିରେ ବେକରେ ଶାଢି ଲଗାଇ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଛନ୍ତି। ମୃତ ବ୍ୟକ୍ତି ଜଣକ ହେଲେ ସାଲେପୁର କେନ୍ଦୁପାଟଣାର ପ୍ରଦୀପ୍ତ କୁମାର ପାତ୍ର। ସେ ଭୁବନେଶ୍ୱର ବିଏସ୍‌ଏନ୍‌ଏଲ୍ ଅଫିସ୍‌ରେ କାର୍ଯ୍ୟ କରିବା ସହ ରଙ୍ଗମାଟିରେ ଭଉଣୀଘରେ ପରିବାର ସହ ରହୁଥିଲେ। କୌଣସି କାରଣକୁ ନେଇ ସ୍ତ୍ରୀଙ୍କୁ ଆକ୍ରମଣ କରିବା ପରେ ଘରର ଭିତର ପଟୁ ବନ୍ଦ କରି ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

# ଓଡ଼ିଶାରେ ବନ୍ଦର କରିବ ବିହାର

**ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କଲେ ବିହାର ସରକାରଙ୍କ ଟିମ୍**

ଭୁବନେଶ୍ୱର,୨।୩(ବ୍ୟୁରୋ)

ଓଡ଼ିଶା ଉପକୂଳରେ ବିହାର ସରକାର ଏକ ବନ୍ଦର ନିର୍ମାଣ କରିବାକୁ ଚାହୁଁଛନ୍ତି। ଏ ସମ୍ପର୍କିତ ଏକ ପ୍ରାଥମିକ ପର୍ଯ୍ୟାୟ ଆଲୋଚନା କରିବାକୁ ବିହାର ସରକାରଙ୍କ ଏକ ପ୍ରତିନିଧି ଦଳ ମଙ୍ଗଳବାର ଓଡ଼ିଶା ଗସ୍ତରେ ଆସିଛନ୍ତି। ବିହାର ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବ୍ରଜେଶ ମେହେରୋତ୍ରାଙ୍କ ଅଧକ୍ଷତାରେ ଆସିଥିବା ଉକ୍ତ ଟିମ୍ ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପ୍ରସ୍ତାବକୁ ଗ୍ରହଣ କରିଥିବାରୁ ମେହେରୋତ୍ରା ସନ୍ତୋଷ ପ୍ରକାଶ କରିଛନ୍ତି। ଓଡ଼ିଶା ସରକାର ଶିଳ୍ପାଞ୍ଚଳର ବିକାଶ କରିବା ପାଇଁ ଯୋଗାଇ ଦେଉଥିବା ଭିତ୍ତିଭୂମି ଓ ସୁବିଧାକୁ ମଧ ସେ ପ୍ରଶଂସା କରିଛନ୍ତି। ମୁଖ୍ୟ ଶାସନ ସଚିବ ମହାପାତ୍ର କହିଛନ୍ତି, ବନ୍ଦର ପାଇଁ ପେସାଦାର ବାଣିଜ୍ୟଭିତ୍ତିକ କରିପାରିଲେ ତାହା ଦୀର୍ଘ ସମୟ ଚାଲିପାରିବ। ବିହାର ସରକାରଙ୍କ ଆବଶ୍ୟକତା ବିଷୟରେ ଜଣାଇଲେ ସେହି ଅନୁଯାୟୀ ସହାୟତା ଯୋଗାଇ ଦିଆଯିବ ବୋଲି ଉନ୍ନୟନ କମିଶନର ପ୍ରଦୀପ ଜେନା କହିଛନ୍ତି। ରାଜ୍ୟରେ ନୂତନ ବନ୍ଦର କରିବାକୁ ୧୪ଟି ସ୍ଥାନ ଚିହ୍ନଟ କରାଯାଇଛି। ସେଥିରୁ ୭ଟି ଉତ୍ତର ଓ ୭ଟି ପାରାଦୀପ ବନ୍ଦରର ଦକ୍ଷିଣ ପାର୍ଶ୍ୱରେ ରହିଛି। ଏ ସମସ୍ତ ବନ୍ଦର ବିଷୟରେ ଆଲୋଚନା କରାଯାଇଛି ବୋଲି ବାଣିଜ୍ୟ ଓ ପରିବହନ ସଚିବ ମଧୁସୂଦନ ପାଢ଼ୀ କହିଛନ୍ତି। ଖୁବ୍‌ଶୀଘ୍ର ବିହାରର ଏକ ବୈଷୟିକ ଟିମ୍ ଓଡ଼ିଶା ଗସ୍ତରେ ଆସି ପ୍ରସ୍ତାବିତ ବନ୍ଦର ଅଞ୍ଚଳ ବୁଲି ଫିଜିବିଲିଟି ଦେଖିବ ।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଜାତୀୟ ନାଟ୍ୟ ଉତ୍ସବ ପୂର୍ବରଙ୍ଗର ଦ୍ୱିତୀୟ ସନ୍ଧ୍ୟାରେ ମଙ୍ଗଳବାର ମଞ୍ଚସ୍ଥ ହିନ୍ଦୀ ନାଟକ 'ରୋମିଓ ଜୁଲିଏଟ୍ ଇନ୍ ସ୍ମାର୍ଟ ସିଟି ଅଫ୍ କଣ୍ଟେମ୍ପରାରୀ ଇଣ୍ଡିଆ'ର ଏକ ଦୃଶ୍ୟ।

## ନିଶା ଦେଇ ଲୁଟ୍ ପରେ ଜଙ୍ଗଲରେ ଫିଙ୍ଗିଦେଲେ

ଭୁବନେଶ୍ୱର,୨।୩(ବ୍ୟୁରୋ): ରାଜଧାନୀରେ ନିଶାଦିଆ ଲୁଟେରାଙ୍କ ରାଜ୍ ଚାଲିଛି। ବସ୍ ଓ ଟ୍ରେନ୍ ଯାତ୍ରୀଙ୍କୁ ଟାର୍ଗେଟ କରୁଛନ୍ତି। ସପ୍ତାହକ ମଧ୍ୟରେ ୫ଜଣଙ୍କୁ ନିଶା ଦେଇ ଲୁଟିଥିବାବେଳେ ମଙ୍ଗଳବାର ଆଉଏକ ସ୍ୱର୍ଣ୍ଣକାତର ଘଟଣା ନଜରକୁ ଆସିଛି। ଲୁଟେରାମାନେ ଜଣେ ବ୍ୟକ୍ତିଙ୍କୁ ଚା'ରେ ନିଶା ଦେଇ ତାଙ୍କ ସୁନା ମୁଦି, ମୋବାଇଲ ଫୋନ୍ ଓ ଟଙ୍କା ଲୁଟିନେବା ପରେ ଭରତପୁର ଥାନା ଅଞ୍ଚଳରେ ଥିବା ଏକ ଜଙ୍ଗଲରେ ଫିଙ୍ଗିଦେଇଛନ୍ତି। ଲୁଟ୍‌ର ଶିକାର ବ୍ୟକ୍ତି ଜଣକ ହେଲେ ଭୁବନେଶ୍ୱର ସତ୍ୟନଗରରେ ରହୁଥିବା ଗଙ୍ଗାଧର ପଣ୍ଡା। ସେ ବ୍ରହ୍ମପୁରରୁ ବସ୍‌ରେ ଭୁବନେଶ୍ୱର ଫେରୁଥିଲେ। ବସ୍‌ରେ ଦୁଇଜଣ ଯୁବକ ତାଙ୍କ ସହ ବନ୍ଧୁତା କରି ବିଶ୍ୱାସ ଜନ୍ମାଇଥିଲେ। ସେମାନେ ମଧ ଶହୀଦନଗରରେ ରହୁଥିବା କହିଥିଲେ। ତେବେ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଓହ୍ଲାଇବା ପରେ ଘରକୁ ଯିବା ପାଇଁ ଗାଡ଼ି ଖୋଜିଥିଲେ। ଏହି ସମୟରେ ଯୁବକ ଦ୍ୱୟ ଗଙ୍ଗାଧରଙ୍କୁ ଗୋଟିଏ ଗାଡ଼ି ରିଜର୍ଭ କରି ଗଲେ କମ୍ ଟଙ୍କାରେ ହୋଇଯିବ ବୋଲି କହିଥିଲେ। ସେମାନଙ୍କ କଥାରେ ଗଙ୍ଗାଧର ରାଜି ହୋଇଯାଇଥିଲେ। ଏହାପରେ ସେମାନଙ୍କ ମଧ୍ୟରୁ ଜଣେ ଯୁବକ ନିଜ ଫୋନ୍‌ରେ ଓଲା ଅଟୋ ବୁକ୍ କରିଥିବା କହିଥିଲେ। ଅଟୋ ଆସିବାକୁ ଟାଇମ ଲାଗିବ କହି ଯୁବକ ଦ୍ୱୟ ଗଙ୍ଗାଧରଙ୍କୁ ଚା' ପିଇବାକୁ ଡାକିଥିଲେ। ଏହାପରେ ସମସ୍ତେ ମିଶି ଚା' ପିଇଥିଲେ। ପୂର୍ବ ଯୋଜନା ମୁତାବକ ସେମାନେ ଗଙ୍ଗାଧରଙ୍କ ଚା'ରେ ନିଶା ମିଶାଇ ଦେଇଥିଲେ। ଗଙ୍ଗାଧର ଅଟୋରେ ବସିବା ପରେ ନିଶାରେ ଶୋଇପଡିଥିଲେ। ଏହି ସମୟରେ ଯୁବକଦ୍ୱୟ ତାଙ୍କଠାରୁ ସବୁକିଛି ଲୁଟିନେବା ପରେ ଭରତପୁର ଅଞ୍ଚଳର ଏକ ଜଙ୍ଗଲିଆ ସ୍ଥାନରେ ଫିଙ୍ଗି ଦେଇଥିଲେ। ବହୁ ଘଣ୍ଟାପରେ ଗଙ୍ଗାଧରଙ୍କ ଚେତା ଫେରିବା ପରେ ସେଠାରୁ ଚାଲି ଚାଲି ଆସି ଜଣେ ଲୋକଙ୍କ ଫୋନ୍‌ରୁ ଘରକୁ କଲ୍ କରି ଘଟଣା ବିଷୟରେ କହିଥିଲେ। ପରେ ତାଙ୍କ ସ୍ତ୍ରୀ ସେଠାରେ ପହଞ୍ଚିବା ପରେ ଉଭୟ ଭରତପୁର ଥାନାରେ ଅଭିଯୋଗ କରିଥିଲେ।

## ହରିଣର ମୃତଦେହ ଜବତ

ପୁରଣା ଭୁବନେଶ୍ୱର,୨।୩ (ଡି.ଏନ୍.ଏ.): ପିପିଲି ବ୍ଲକ ଅଧୀନ ପମସରା ଗହିରରୁ ମଙ୍ଗଳବାର ସ୍ଥାନୀୟ ବନ କର୍ମଚାରୀ ଏକ ବାଲି ହରିଣର ମୃତଦେହ ଜବତ କରିଛନ୍ତି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଖାଦ୍ୟାଭାବରୁ ହରିଣର ମୃତ୍ୟୁ ହୋଇଥିବା ଗ୍ରାମବାସୀ କହିଛନ୍ତି। ସୂଚନା ମୁତାବକ, ପମସରା ଗହିରରେ ମଙ୍ଗଳବାର ସକାଳେ ଏକ ମୃତ ହରିଣ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ବନ କର୍ମଚାରୀ ପହଞ୍ଚି ହରିଣର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

# ୯ ଦିନରେ ୮୪ ଲକ୍ଷ ଟଙ୍କାର ବ୍ୟବସାୟ

**ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଯାପିତ**

ଭୁବନେଶ୍ୱର, ୨।୩ (ବ୍ୟୁରୋ)

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଗତ ଫେବୃୟାରୀ ୨୩ରୁ ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ୯ଦିନରେ ମୋଟ ୮୪ଲକ୍ଷ ଟଙ୍କାର ବିକ୍ରିବଟା ହୋଇଛି। ଶେଷଦିନ ମେଳାରେ ବିଶେଷ ଗହଳି ଦେଖିବାକୁ ମିଳିଥିଲା। ବିଶେଷକରି ନବରଙ୍ଗପୁରର ଜନଜାତି ଅଳଙ୍କାରର ଅଧିକ ଚାହିଦା ରହିଥିଲା। ସେହିପରି ପୁରସ୍କାରପ୍ରାପ୍ତ ହସ୍ତଶିଳ୍ପୀଙ୍କ ଗ୍ୟାଲେରୀ ଅଧିକ ଆକର୍ଷଣୀୟ ହୋଇଥିଲା। କାଠ ଓ ବାଉଁଶରେ ତିଆରି ପେନ୍ ଷ୍ଟାଣ୍ଡ, ଫୁଲଦାନି, ଲ୍ୟାମ୍ପସେଟ୍, ୱାଲ ହ୍ୟାଙ୍ଗିଂ ବିଭିନ୍ନ ରଙ୍ଗିନ୍ ଚିତ୍ରରେ ଚିତ୍ରିତ କରାଯାଇ କାରିଗରଙ୍କ ଦ୍ୱାରା ପ୍ରଦର୍ଶନ ଓ ବିକ୍ରୟ ହୋଇଥିଲା। ନଡାକୁ ଖଣ୍ଡ ଖଣ୍ଡ କରି ପ୍ରକ୍ରିୟାକରଣ ପରେ ଭିନ୍ନଭିନ୍ନ ରଙ୍ଗରେ ପ୍ରସ୍ତୁତ କାଠିକୁ କାରିଗରି ଦ୍ୱାରା ବିଭିନ୍ନ ଆକୃତିର ଦେବଦେବୀ, ପଶୁପକ୍ଷୀ, ପାହାଡ, ପର୍ବତ ଆଦିର କଳାକୃତି ଲୋକଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା। ଏହି ଅବସରରେ କଣ୍ଠଶିଳ୍ପୀ ରୋଜାଲିନ ସାହୁ ଓ ଯାଜ୍ଞସେନୀ ସୁଗମ ସଙ୍ଗୀତ ପରିବେଷଣ କରିଥିବାବେଳେ ଶିଶୁ କଳାକାର ତ୍ରିନୟନ ପ୍ରିୟଦର୍ଶନ ମିଶ୍ରଙ୍କ ଶାସ୍ତ୍ରୀୟ ସଙ୍ଗୀତ, କୁମାର ବିଷ୍ଣୁଙ୍କ ଓଡ଼ିଆ ଓ ହିନ୍ଦୀ ଚଳଚ୍ଚିତ୍ର ସଙ୍ଗୀତ ଶେଷ ଦିନର ଭିନ୍ନ ଆକର୍ଷଣ ଥିଲା।

# ୫ରେ ବିଜୁ ଜୟନ୍ତୀ:କଟକରୁ ସାଇକେଲ ରାଲି

ଭୁବନେଶ୍ୱର, ୨।୩(ବ୍ୟୁରୋ)



ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଆସନ୍ତା ୫ ତାରିଖରେ ପାଳିତ ହେବ। ଏହି ଉପଲକ୍ଷେ ଭୁବନେଶ୍ୱର ସାଙ୍ଗଠନିକ ଜିଲା ସଭାପତି ସୁଶାନ୍ତ କୁମାର ରାଉତଙ୍କ ଅଧକ୍ଷତାରେ ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ବସିଥିଲା। କରୋନା କଟକଣାକୁ ଆଖି ଆଗରେ ରଖି ବିଜୁ ଜୟନ୍ତୀକୁ କିପରି ଭଲଭାବେ ପାଳନ କରାଯିବ ସେନେଇ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ସଞ୍ଜୟ ଦାସବର୍ମା କହିଲେ, କଟକ ଆନନ୍ଦ ଭବନଠାରୁ ସକାଳ ୬ ଘଟିକାରେ ଏକ ସାଇକେଲ ରାଲି ବାହାରି ବିଜୁ ପଟ୍ଟନାୟକ ଏୟାରପୋର୍ଟ ଛକରେ ପହଞ୍ଚିବ। ଉକ୍ତ ରାଲିରେ ଭୁବନେଶ୍ୱରର ୩ ବିଧାୟକଙ୍କ ସମେତ ଯୁବ ଗୋଷ୍ଠୀ ସାମିଲ ହେବେ। ସକାଳ ୯ଟା ୩୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଫରେଷ୍ଟ ପାର୍କସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବେ। ଦଳୀୟ କାର୍ଯ୍ୟାଳୟ ପରିସରରେ ବିଜେଡି କର୍ମୀଙ୍କୁ ୧୧ଟା ୩୦ରେ ଭର୍ଚୁଆଲ ମାଧମରେ ସମ୍ବୋଧିତ କରିବେ ବୋଲି ସେ ସୂଚନା ଦେଇଥିଲେ। ବୈଠକରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ।

## ନାଗରା, ମାଦଳ ବାଦ୍ୟରେ ଦୁଲୁକିଲା ଆଦିବାସୀ ପଲ୍ଲୀ



ପୁରୁଣା ଭୁବନେଶ୍ୱର, ୨।୩(ଡି.ଏନ୍.ଏ.): ମାଘ ପରବ ପାଇଁ ଭୁବନେଶ୍ୱର ଉପକଣ୍ଠ ଛତାବର ପଞ୍ଚାୟତ କନ୍ଦଳେଇ ଆଦିବାସୀ ପଲ୍ଲୀ ଉତ୍ସବ ମୁଖର ହୋଇଉଠିଛି। ଗାଁକୁ ବିପଦମୁକ୍ତ କରିବା ପାଇଁ ଗ୍ରାମବାସୀ କନ୍ଦଳେଇ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା କରିଛନ୍ତି। ଏହି ଅବସରରେ ଅତିଥି ସରପଞ୍ଚ ମନସ୍ୱିନୀ ମିଶ୍ର ଡେଙ୍ଗ, ପୂର୍ବତନ ସରପଞ୍ଚ ବିଷ୍ଣୁ ପ୍ରସାଦ ଡେଙ୍ଗ, ସାମାଜିକ କର୍ମୀ ସୁଶାନ୍ତ ସାହୁ, ସଂଗ୍ରାମ କେଶରୀ ସାହୁ, ପ୍ରଦୀପ୍ତ ରଞ୍ଜନ ରାଉତ, ତ୍ରିଲୋଚନ ବେଉରା, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପବିତ୍ର ମୋହନ ନାୟକ, ଶିକ୍ଷକ ସୁବାସ ଓଝାଙ୍କୁ ପରମ୍ପରା ଅନୁଯାୟୀ ଗ୍ରାମବାସୀ ନାଗରା, ମାଦଳର ତାଳେ ତାଳେ ଗ୍ରାମକୁ ପାଛୋଟି ନେଇଥିଲେ। ଆଦିବାସୀ ପରମ୍ପରା ଓ ସଂସ୍କୃତିର ସ୍ଥାନ ସ୍ୱତନ୍ତ୍ର। ଆଦିବାସୀଙ୍କ ପ୍ରତ୍ୟେକ ପର୍ବ ସାମାଜିକ ଜୀବନକୁ ସଶକ୍ତ କରିଥାଏ ବୋଲି ଅତିଥିମାନେ କହିଥିଲେ। ଏହି ପରବ ଭାଇଚାରା ଓ ଏକତାକୁ ଅତୁଟ ରଖିଥିବା ଗ୍ରାମ ମୁରବୀ ମଦନ ଚାତାର କହିଛନ୍ତି।

# ବିଲ୍ଡରଙ୍କ ଚାପରେ ବ୍ୟବସାୟୀଙ୍କ ଆତ୍ମହତ୍ୟା

- କରୋନା ଯୋଗୁ ଋଣରେ ବୁଡି ରହିଥିଲେ
- ମୃତ୍ୟୁ ପୂର୍ବରୁ ଲେଖିଥିଲେ ସୁଇସାଇଡ୍ ନୋଟ୍

ଭୁବନେଶ୍ୱର,୨।୩(ବ୍ୟୁରୋ): ବ୍ୟବସାୟ ପାଇଁ ଲକ୍ଷାଧିକ ଟଙ୍କା ଋଣ କରିଥିଲେ। ହେଲେ କରୋନା ଓ ଲକ୍‌ଡାଉନ ଯୋଗୁ ବ୍ୟବସାୟ ବନ୍ଦ ହୋଇଯାଇଥିଲା। ଫଳରେ ନିଜ ଘରକୁ ବିକ୍ରି କରିବା ପାଇଁ ଜଣେ ବିଲ୍ଡରଙ୍କଠାରୁ ଅଗ୍ରିମ ଟଙ୍କା ଆଣିଥିଲେ। ହେଲେ ଉକ୍ତ ବିଲ୍ଡର ଜଣକ ଉକ୍ତ ଘରେ ତାଲା ପକାଇ ଦେବାରୁ ଶେଷରେ ବ୍ୟବସାୟୀ ଜଣକ ମାନସିକ ଚାପରେ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାର ଏମିତି ଏକ ଘଟଣା ଖାରବେଳନଗର ଥାନା ଅଞ୍ଚଳରେ ଘଟିଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଛି। ମୃତ ବ୍ୟକ୍ତିଙ୍କ ନାମ ରିକି ଓ ତାଙ୍କ ଘର ପୁରୀରେ ବୋଲି ପୋଲିସ ଜାଣିବାକୁ ପାଇଛି। ତାଙ୍କ ଘରୁ ଏକ ସୁଇସାଇଡ୍ ନୋଟ୍ ମିଳିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, ରିକି ପ୍ରେସ୍ କଲୋନୀ ଅଞ୍ଚଳରେ ପୁରୁଣା ଗାଡ଼ି ଓ ହୋଟେଲ ବ୍ୟବସାୟ କରୁଥିଲେ। ତାଙ୍କ ସ୍ତ୍ରୀଙ୍କର ମଧ ଏକ ପାର୍ଲର ରହିଛି। ଏଥିସହିତ ଏୟାରଫିଲ୍ଡ ଅଞ୍ଚଳରେ ତାଙ୍କର ଏକ ଘର ରହିଛି। କରୋନା ସମୟରୁ ଗାଡ଼ି ଓ ହୋଟେଲ ବ୍ୟବସାୟ ଠିକ୍‌ରେ ଚାଲୁ ନ ଥିବାରୁ ସେ ଅତ୍ୟଧିକ ଋଣରେ ବୁଡି ରହିଥିଲେ। ସେ ବିଭିନ୍ନ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା କରଜ କରିଥିଲେ। ସେମାନେ ରିକିଙ୍କୁ ବାରମ୍ବାର ଟଙ୍କା ମାଗୁଥିଲେ। ଶେଷରେ ରିକି ନିଜ ଘର ବିକ୍ରି କରିବାକୁ ଜଣେ ବିଲ୍ଡରଙ୍କ ନିକଟରୁ ୩୫ଲକ୍ଷ ଟଙ୍କା ଅଗ୍ରୀମ ଆଣି କରଜ ଶୁଝିଥିଲେ। ହେଲେ ଘରର କାଗଜପତ୍ରରେ ତ୍ରୁଟି ରହିଥିଲା। ତ୍ରୁଟି ସୁଧାରିବାକୁ ସେ ବିଡିଏ ଅଫିସକୁ ବାରମ୍ବାର ଦୌଡ଼ିଥିଲେ ମଧ କିଛି ସୁଫଳ ମିଳିପାରି ନ ଥିଲା। ଫଳରେ ବିଲ୍ଡର ଜଣକ ତାଙ୍କୁ ଦେଇଥିବା ଟଙ୍କା ଫେରସ୍ତ ଦାବି କରିବା ସହ ନ ପାଇବାରୁ ଉକ୍ତ ଘରେ ତାଲା ପକାଇଦେଇଥିଲେ। ଏଥିରେ ମାନସିକ ଚାପରେ ଆସି ରିକି ଆତ୍ମହତ୍ୟା କରିଥିବା ନେଇ ତାଙ୍କ ପରିବାର ଲୋକେ ଓ ପାଲିସ ସୂଚନା ଦେଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରାମକୃଷ୍ଣ



@ ତପନ



@ ପିଣ୍ଟୁ



@ ଅଶୋକ



@ ସୁବାସ



@ ଅଚ୍ୟୁତ



@ ଅମିତ

## ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ପ୍ରମୋଦିନୀ-ସରୋଜ

ଭୁବନେଶ୍ୱର, ୨।୩ (ବ୍ୟୁରୋ)



ବିବାହ ଭୋଜିରେ ସରୋଜ ଓ ପ୍ରମୋଦିନୀ।

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ କନକପୁର ଗ୍ରାମର ଏସିଡ୍ ପୀଡ଼ିତା ପ୍ରମୋଦିନୀ ରାଉଳଙ୍କୁ ଜୀବନସାଥୀ କରିଛନ୍ତି ବାଲକାଟୀ ନିକଟ ଝିଇଣ୍ଟିପାଟଣାର ସରୋଜ କୁମାର ସାହୁ। ଏହି ଉପଲକ୍ଷେ ମଙ୍ଗଳବାର ଖିମ୍‌ଜୀ ଫାଉଣ୍ଡେଶନ୍ ସହଯୋଗରେ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସୋସିଆଲ ଡେଭ୍‌ଲପମେଣ୍ଟ (ଆଇଏସ୍‌ଡି) ପକ୍ଷରୁ ଭୁବନେଶ୍ୱରର ଏକ ହୋଟେଲରେ ବିବାହ ଭୋଜିର ଆୟୋଜନ କରାଯାଇଥିଲା। ଉଭୟେ ସମାଜ ପାଇଁ ଏକ ଉଦାହରଣ ସାଜିଛନ୍ତି ବୋଲି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ନବଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ। ଏଥିରେ ଫାଉଣ୍ଡେଶନର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ ଉଭୟଙ୍କ ସୁଖ ସମୃଦ୍ଧି ଜୀବନ କାମନା କରିଛନ୍ତି। ସେହିପରି ସରୋଜଙ୍କୁ ଜୀବନ ସାଥୀ ଭାବେ ପାଇ ଅତ୍ୟନ୍ତ ଖୁସି ଓ ଗର୍ବିତ ବୋଲି ପ୍ରମୋଦିନୀ କହିଛନ୍ତି। ସରୋଜ କେବଳ ମୋ ସ୍ୱାମୀ ନୁହନ୍ତି ବରଂ ମୋର ସମସ୍ତ ଉତ୍‌ଥାନରେ ନିରନ୍ତର ଶକ୍ତି। ଯେଉଁମାନେ ମୋ ଖୁସିରେ ଅଂଶ ହୋଇଛନ୍ତି, ସମସ୍ତଙ୍କୁ କୃତଜ୍ଞତା ଜଣାଉଛି ବୋଲି ପ୍ରମୋଦିନୀ କହିଥିଲେ। ମାର୍ଚ୍ଚ ୧ ସୋମବାର ନିଜ ବାସଭବନରେ ପ୍ରମୋଦିନୀଙ୍କ ସହ ସରୋଜଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ପ୍ରକାଶ ଯେ, ୨୦୦୯ ଏପ୍ରିଲ୍ ୧୮ରେ ମାତ୍ର ୧୬ ବର୍ଷ ବୟସରେ ପ୍ରମୋଦିନୀ ଏସିଡ୍ ଆକ୍ରମଣର ଶିକାର ହୋଇଥିଲେ। ୨୦୧୪ରେ ପ୍ରମୋଦିନୀ ଦୃଷ୍ଟିଶକ୍ତି ହରାଇ ବସିଥିଲେ। ସେତେବେଳେ ତାଙ୍କ ଦୃଷ୍ଟି ଶକ୍ତି ଫେରାଇ ଆଣିବା ପାଇଁ ସରୋଜ ଚିକିତ୍ସାରେ ସହଯୋଗ କରିଥିଲେ। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା।

**୨ ମାସ ପରେ ଅପହୃତା ନାବାଳିକା ଉଦ୍ଧାର**

ନିଶ୍ଚିନ୍ତକୋଇଲି,(ସ୍ୱ.ପ୍ର.): ଅପହରଣର ୨ ମାସ ପରେ ନିଶ୍ଚିନ୍ତକୋଇଲି ଥାନା ପୋଲିସ ଜଣେ ନାବାଳିକାଙ୍କୁ ଉଦ୍ଧାର କରିଛି। ସୋମବାର ବିଳମ୍ବିତ ରାତିରେ ପୋଲିସ ନେମାଳ ଥାନା ଅନ୍ତର୍ଗତ ଦାଉଦପୁର ଅଞ୍ଚଳରେ ଚଢ଼ାଉ କରି ତାଙ୍କୁ ଉଦ୍ଧାର କରିଛି। ଅପରପକ୍ଷେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ସମ୍ପୃକ୍ତ ନାବାଳିକାଙ୍କୁ ଜଣେ ଗାଡ଼ି ଚାଳକ ଅପହରଣ କରିନେଇଥିଲେ ବୋଲି ତାଙ୍କ ଜେଜେ ଜାନୁୟାରୀ ୪ରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ଥାନାରେ ମାମଲା (ନଂ.୨/୨୧) ରୁଜୁ ହୋଇଥିଲା।

## ସଂକ୍ଷେପରେ

### ବ୍ଲକସ୍ତରୀୟ ବ୍ୟାଙ୍କ ସମନ୍ୱୟ ସମୀକ୍ଷା ବୈଠକ

ବାଙ୍କୀ,୨।୩(ସ୍ୱ.ପ୍ର.): ବାଙ୍କୀ ଓ ଡମପଡା ବ୍ଲକସ୍ତରୀୟ ବ୍ୟାଙ୍କ ସମନ୍ୱୟ ସମୀକ୍ଷା ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକକୁ ବାଙ୍କୀ ବିଡିଓ ରତ୍ନାକର କାଣ୍ଡି ଉଦ୍‌ଘାଟନ କରିଥିଲେ। ଏଲଡିଏମ୍ ରାଜେଶ କୁମାର ବେହେରା ଏଥିରେ ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ ଓଡିଶା ଜୀବିକା ମିଶନ ଓ ମିଶନ ଶକ୍ତି ଅଧୀନରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ସ୍ୱାବଲମ୍ବୀ ହେବା ପାଇଁ ବ୍ୟାଙ୍କ ପକ୍ଷରୁ ଋଣ ଯୋଗାଇଦିଆଯାଉଛି ବୋଲି କହିଥିଲେ। ସେହିପରି ଡମପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ବ୍ୟାଙ୍କ କମିଟି ବୈଠକକୁ ବିଡିଓ ଆର୍ତ୍ତବନ୍ଧୁ ଲେଙ୍କା ଉଦ୍‌ଘାଟନ କରିଥିଲେ। ବୈଠକରେ ଅଧିକ ଋଣ ପ୍ରଦାନ କରିଥିବା ରଣପୁର ଗ୍ରାମ୍ୟ ବ୍ୟାଙ୍କକୁ ସମ୍ମାନିତ କରାଯାଇଥିଲା। ଜୀବିକା ମିଶନ ପ୍ରକଳ୍ପ ଅଧିକାରୀ ଅକ୍ଷୟ ଭଞ୍ଜ ଓ ମିଶନ ଶକ୍ତିର ହରପ୍ରିୟା ସାହୁ ଏଥିରେ ସହଯୋଗ କରିଥିଲେ।

### ବିଦ୍ୟାଳୟରୁ ଚୋରି

ଚୌଦ୍ୱାର,୨।୩(ଡି.ଏନ୍.ଏ): ଚୌଦ୍ୱାର ଥାନା ଅଧୀନ ବ୍ୟାରେଜ ରୋଡ୍ ହିଙ୍ଗୁଳାଇସ୍ଥିତ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ସ୍କୁଲର ମୁଖ୍ୟଦ୍ୱାର ଓ ଅଧକ୍ଷଙ୍କ ଅଫିସ୍ ଦ୍ୱାର ଭାଙ୍ଗି ଅଫିସ୍ ଭିତରେ ପଶିଥିଲେ। ସେଠାରେ ଥିବା ଲକର ଭିତରୁ ୭୦ ହଜାର ଟଙ୍କା ଚୋରି କରି ନେଇଥିବା ସ୍କୁଲ ଅଧକ୍ଷ ଶକ୍ତି ମହାନ୍ତି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍କୁଲରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ତଦନ୍ତ ଜାରି ରଖିଛି।

### ଟ୍ରିମ୍‌ସର ୯୨ ଛାତ୍ରୀଛାତ୍ରଙ୍କୁ ମିଳିଲା ନିଯୁକ୍ତି

କଟକ ଅଫିସ, ୨।୩: କରୋନା ପରିସ୍ଥିତିରେ ଉଭୟ ଭର୍ଚୁଆଲ ଓ ପ୍ରତ୍ୟକ୍ଷ କ୍ୟାମ୍ପସ ଚୟନ କରାଯାଇଥିଲା। ଇତିମଧ୍ୟରେ ମଙ୍ଗଳବାର ଟ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ୯୨ ଜଣ ବି-ଟେକ୍ ଓ ଡିପ୍ଲୋମା ଇଞ୍ଜିନିୟରିଂ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତିର ସୁଯୋଗ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ୬୮ ଜଣ ଛାତ୍ରୀଛାତ୍ର ରାମ୍‌ଟେକ୍ ସଫ୍ଟୱେର କମ୍ପାନୀରେ ନିଯୁକ୍ତି ପାଇଁ ମନୋନୀତ ହୋଇଥିବାବେଳେ ଅବଶିଷ୍ଟ ୨୪ ଜଣ ଟିସିଏସ୍, ସିଏସ୍‌ଏମ୍ ଟେକ୍ନୋଲୋଜି, ଟାଟା ପାୱାର , ନାଗାର୍ଜୁନ କନ୍‌ଷ୍ଟ୍ରକ୍ସନ, ଟି ଆଣ୍ଡ ଏଏସ୍ ଡିଗିଟେକ୍ ଏବଂ ଆବସିସ୍ ଆଦି ଉଦ୍ୟୋଗରେ ନିଯୁକ୍ତି ପାଇଛନ୍ତି। ଏ ନେଇ କଲେଜ ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥ କହିଛନ୍ତି, ପ୍ରତିକୂଳ ପରିସ୍ଥିତିରେ ବି ଛାତ୍ରୀଛାତ୍ରମାନେ କଠିନ ପରିଶ୍ରମ କରି ଲକ୍ଷ୍ୟ ହାସଲରେ ସଫଳ ହୋଇଛନ୍ତି। ସିଡିସି ଦ୍ୱାରା ଆୟୋଜିତ ଚୟନ ପ୍ରକ୍ରିୟାକୁ ସହକାରୀ ନିର୍ଦ୍ଦେଶକ ରମାକାନ୍ତ କାଷ୍ଟା, ପ୍ରାଧାପକ ଜିତେନ୍ଦୁ ଶତପଥୀ, ଟ୍ରେନିଂ ଆଣ୍ଡ ପ୍ଲେସ୍‌ମେଣ୍ଟ ଅଧିକାରୀ ବୈଦ୍ୟନାଥ ସାମଲ, ଅକ୍ଷୟ ସାହୁ, ରବିନାରାୟଣ ରାଉତ, ସବ୍ୟସାଚୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ପୁଣି ଏଆର୍‌ସି ପରିସରରେ ନିଆଁ

**ଜଳିଗଲା ବହୁ ଏକର ଅନାବନା ଗଛ**

ଚୌଦ୍ୱାର,୨।୩(ଡି.ଏନ୍.ଏ.): ଚୌଦ୍ୱାର ଥାନା ଅଧୀନ ଚାରବାଟିଆସ୍ଥିତ ଆଭିଏସନ ରିସର୍ଚ୍ଚ ସେଣ୍ଟର(ଏଆର୍‌ସି) ପରିସରରେ ମଙ୍ଗଳବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅପରାହ୍ନ ୨ଟାରେ ବାଣୀପଦା ପଟୁ ଏଆର୍‌ସି ପାଚେରି ଭିତରେ ଥିବା ଅନାବନା ଗଛରେ ହଠାତ୍ ନିଆଁ ଲାଗିଥିବା ଦେଖିବାକୁ ମିଳିଥିଲା। ସେହି ସମୟରେ ପବନର ବେଗ ଅଧିକ ଥିବାରୁ ନିଆଁ ବ୍ୟାପିଯାଇଥିଲା। ଖବରପାଇ ଏଆର୍‌ସି, କଟକ ଓ ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ମିଳିତ ଭାବେ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ଏଥିରେ ବହୁ ଏକର ଅନାବନା ଗଛ ଜଳିଯାଇଛି।


ଅଗ୍ନିକାଣ୍ଡରେ ଗଛଗୁଡ଼ିକ ଜଳୁଛି।

ମିଳିଥିବା ସୂଚନା ଅନୁଯାୟୀ, ଏଆର୍‌ସି ପରିସରରେ ବ୍ୟାପକ ଅନାବନା ଗଛ ଉଠି ଜଙ୍ଗଲରେ ପରିଣତ ହୋଇଛି। ଏହିସବୁ ଗଛ ଶୁଖିଯାଇଥିବାରୁ ନିଆଁ ଦ୍ରୁତଗତିରେ ମାଡିଯାଇଥିଲା। ତେବେ ବୁଦୁବୁଦିଆ ଜଙ୍ଗଲ ଭିତରେ ଦମକଳ ଗାଡି ପଶି ନିଆଁ ଲିଭାଇବା ପାଇଁ ନାକେଦମ ହେବାକୁ ପଡିଥିଲା ବୋଲି ଜଣେ ଅଗ୍ନିଶମ କର୍ମଚାରୀ କହିଛନ୍ତି। ନିଆଁ ଲାଗିବା ଦେଖି ଏହାର ଚତୁଃପାର୍ଶ୍ୱରେ ଥିବା ଲୋକମାନେ ଭୟଭୀତ ହୋଇପଡିଥିଲେ। ସୂଚନାଯୋଗ୍ୟ, ଗତ ଶନିବାର ଏଆର୍‌ସି ପରିସରରେ ଥିବା ଅନାବନା ଗଛ ସହ ଶୁଖିଲା କାଜୁ ଜଙ୍ଗଲରେ ନିଆଁ ଲାଗିଯାଇଥିଲା। ସେହି ସମୟରେ ପବନର ବେଗ ଅଧିକ ଥିବାରୁ ନିଆଁ ଏହାର ଚତୁଃପାର୍ଶ୍ୱକୁ ବ୍ୟାପିଯାଇଥିଲା।

## ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ନାବାଳିକାଙ୍କୁ ଗର୍ଭବତୀ କରିବା ମାମଲା**

କଟକ ଅଫିସ, ୨।୩: ନାବାଳିକା ଝିଅକୁ ବାରମ୍ବାର ବଳାତ୍କାର କରି ଗର୍ଭବତୀ କରିବା ମାମଲାର ଶୁଣାଣି ମଙ୍ଗଳବାର କଟକ ସ୍ୱତନ୍ତ୍ର ପୋକ୍ସୋ ଅଦାଲତରେ ହୋଇଥିଲା। ବିଚାରପତି ବନ୍ଦନା କର ଏ ସଂକ୍ରାନ୍ତୀୟ ମାମଲାର ବିଚାର କରି ସମ୍ପୃକ୍ତା ନାବାଳିକାଙ୍କ ବାପାଙ୍କୁ ଆଜୀବନ କାରାଦଣ୍ଡ ସହ ୨୦ହଜାର ଟଙ୍କା ଆର୍ଥିକ ଦଣ୍ଡାଦେଶ ଦେଇଛନ୍ତି। ଅର୍ଥ ଅନାଦାୟେ ଅଭିଯୁକ୍ତଙ୍କୁ ଆହୁରି ଦୁଇବର୍ଷ ଅଧିକ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଆଦେଶରେ ସ୍ପଷ୍ଟ କରିଛନ୍ତି। ପାରିପାର୍ଶ୍ୱିକ ପ୍ରମାଣକୁ ଭିତ୍ତିକରି ଅଦାଲତ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ନାବାଳିକାକୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି। ଭାରତୀୟ ପିଙ୍ଗଳ କୋଡ୍‌ର ଦଫା ୩୭୬ (୨) (୩) ଓ ପୋକ୍ସୋ ଆକ୍ଟର ଧାରା ୬ରେ ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡାଦେଶ ଦିଆଯାଇଛି। ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ଏହି ମାମଲାକୁ ପରିଚାଳନା କରୁଥିଲେ। ମାମଲାର ବିବରଣୀରୁ ପ୍ରକାଶ, ନୟାଗଡ଼ ଅଞ୍ଚଳର ଅଭିଯୁକ୍ତ ଜଣକ କଟକରେ ଘରଭଡ଼ା ନେଇ ପରିବାର ସହ ରହୁଥିଲେ। ସେ ନିୟମିତ ନିଶାସକ୍ତ ଅବସ୍ଥାରେ ଘରକୁ ଆସିଥାନ୍ତି। ଏହାକୁ ସ୍ତ୍ରୀ ବିରୋଧ କରିଥିଲେ ମଧ୍ୟ ସେ ମାନି ନ ଥିଲେ। ପରେ ତାଙ୍କ ସ୍ତ୍ରୀ ଦୁଇ ପୁଅକୁ ନେଇ ଘରକୁ ପଳାଇ ଯାଇଥିଲେ। ବଡ଼ ଝିଅର ମାଟ୍ରିକ ପରୀକ୍ଷା ଥିବାରୁ ତାଙ୍କୁ ସ୍ୱାମୀଙ୍କ ପାଖରେ ଛାଡ଼ିଦେଇ ଯାଇଥିଲେ। ଏହାର ସୁଯୋଗ ନେଇ ବାପା ଝିଅକୁ ବାରମ୍ବାର ବଳାତ୍କାର କରୁଥିଲେ। ଝିଅ ଗର୍ଭବତୀ ହେବା ତାଙ୍କ ସ୍ତ୍ରୀ ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ଝିଅକୁ ତାଙ୍କ ମାଆ ପଚାରିବାରୁ ସେ କହିଥିଲେ, ବାପା ମୋ ସହିତ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ଏନେଇ କଟକ ମର୍କତନଗର ଥାନାରେ ୨୦୧୮ ଡିସେମ୍ବର ୨୫ ତାରିଖରେ ଏତଲା ଦିଆଯାଇଥିଲା। ଝିଅଟି ନାବାଳିକା ହୋଇଥିବାରୁ ମର୍କତନଗର ପୋଲିସ ତାଙ୍କୁ ବସୁନ୍ଧରାକୁ ପଠାଇଥିଲା। ଏଥିସହ ମାମଲାର ତଦନ୍ତ କରି ତାଙ୍କ ବାପାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ଘରେ ତାଲା ପକାଇ ନିଆଁ ଲଗାଇଦେଲେ

**ପୃଥକ୍ ଅଗ୍ନିକାଣ୍ଡରେ ୭ ବଖରା ଜଳିଗଲା**

ନିଶ୍ଚିନ୍ତକୋଇଲି,୨।୩(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ଥାନା ବଡ଼କ୍ଷୀର ପଞ୍ଚାୟତ ଗୋପପୁର ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ପୃଥକ ପୃଥକ୍ ସ୍ଥାନରେ ନିଆଁ ଲଗାଇଦେଇଥିବା ଅଭିଯୋଗ ହୋଇଛି। ଅଗ୍ନିକାଣ୍ଡରେ ଅବସରପ୍ରାପ୍ତ ଶିକ୍ଷକ ଇନ୍ଦ୍ରମଣି ରଥଙ୍କ ୬ ବଖରା ଓ ମାୟାଧର ଭୂୟାଁଙ୍କ ୧ ବଖରା ପୋଡ଼ିଯାଇଛି। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଦୁର୍ବୃତ୍ତ ନିଆଁ ଲଗାଇଥିବା ଉଭୟଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ନିଆଁ ଲଗାଇବା ପୂର୍ବରୁ ଭୂୟାଁଙ୍କ ଘର ବାହାରୁ ଦୁର୍ବୃତ୍ତମାନେ ତାଲା ପକାଇଦେଇଥିଲେ। ସ୍ଥାନୀୟ ଲୋକେ ତାଲା ଭାଙ୍ଗି ଘରେ ଶୋଇଥିବା ମା' ଓ ୨ ପୁଅଙ୍କୁ ଉଦ୍ଧାର କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଥାନାରେ ୨ଟି ପୃଥକ ମାମଲା (ନଂ. ୨୬,୨୭/୨୧) ରୁଜୁ ହୋଇଛି। ଅଗ୍ନିକାଣ୍ଡରେ ରଥଙ୍କ ଘରର ସମସ୍ତ ଆସବାବପତ୍ର, ଧାନ ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ଆଦି ପୋଡ଼ିଯାଇଛି। ରାତିରେ ପରିବାର ସଦସ୍ୟ ଶୋଇଥିବାବେଳେ ଦୁର୍ବୃତ୍ତ ନିଆଁ ଲଗେଇଦେଇଥିଲେ। ଚାହୁଁ ଚାହୁଁ ନିଆଁ ବ୍ୟାପିଯାଇଥିଲା। ସେହିପରି ଭୂୟାଁଙ୍କ ଅଭିଯୋଗ ଅନୁଯାୟୀ, ରାତିରେ ସ୍ତ୍ରୀ ଭାନୁମତି, ପୁତ୍ର କିରଣ ଓ ଧରଣୀ ଶୋଇଥିଲେ। ଏହି ସମୟରେ ଘରେ ନିଆଁ ଲାଗିଥିବା ଦେଖି ବାହାରକୁ ଆସିବାକୁ ସେମାନେ ଚେଷ୍ଟା କରିଥିଲେ। ମାତ୍ର ବାହାରପଟୁ ତାଲା ପଡ଼ିଥିବାରୁ ସେମାନ ଚିତ୍କାର କରିଥିଲେ। ପରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଉଭୟ ଅଭିଯୋଗର ତଦନ୍ତ ଚାଲିଥିବା ପୋଲିସ ପକ୍ଷରୁ କୁହାଯାଇଛି।

## ଲୋକଙ୍କ ସମସ୍ୟା ବୁଝିଲେ ବିଧାୟକ

କଟକ ଅଫିସ,୨।୩: ବାରବାଟୀ–କଟକ ବିଧାୟକ ଇଂ. ମହମ୍ମଦ ମୋକିମ ମଙ୍ଗଳବାର ସିଏମ୍‌ସି ୩୦ ନଂ. ୱାର୍ଡ ଅଞ୍ଚଳ ପରିଦର୍ଶନ କରିଥିଲେ। ସେଠାକାର ରାସ୍ତାଘାଟ, ନାଳନର୍ଦ୍ଦମା, ପରିମଳ, ମଶା ନିରାକରଣ ପାଇଁ ସିଏମ୍‌ସି ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଲୋକମାନଙ୍କଠାରୁ ପଚାରି ବୁଝିଥିଲେ। ପ୍ରକୃତ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଲୋକେ ଅଭିଯୋଗ କରିଥିଲେ। କଟକ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ଶୈଳବାଳା ଜେନା, ଅମ୍ରିତା ଦାସ, ଶରତ ଚନ୍ଦ୍ର ସେଠୀ, ବିଶ୍ୱଜିତ୍ ମହାପାତ୍ର, ଜ୍ୟୋତିରଞ୍ଜନ ପାତ୍ର, ଉଷାରାଣୀ ମହାନ୍ତି, ରବୀନ୍ଦ୍ର ବସ୍ତିଆ, ନରେଶ ପ୍ରଧାନ ପ୍ରମୁଖ ବିଧାୟକଙ୍କ ସହିତ ୱାର୍ଡ ଅଞ୍ଚଳ ପରିଦର୍ଶନ କରିଥିଲେ।

## ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଶୁଣାଣି

**ଡା. ସମ୍ବିତ ପାତ୍ରଙ୍କ ଅରୁଚିକର ମନ୍ତବ୍ୟ ମାମଲା**

କଟକ ଅଫିସ, ୨।୩: ନୟାଗଡ଼ ପରୀ ଘଟଣାରେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଡା. ସମ୍ବିତ ପାତ୍ରଙ୍କ ମନ୍ତବ୍ୟ ମାମଲାର ପ୍ରଥମ ଶୁଣାଣି ମଙ୍ଗଳବାର କଟକ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହୋଇଥିଲା। ବିଧାୟକ ମହମ୍ମଦ ମୋକିମ କୋର୍ଟରେ ଉପସ୍ଥିତ ରହି ତାଙ୍କର ଓ କଂଗ୍ରେସ ବିଧାୟକଙ୍କ ସମ୍ମାନ ହାନି ହୋଇଛି ବୋଲି କହିଥିଲେ। ଏଥିସହିତ ସଂସ୍କୃତିସମ୍ପନ୍ନ କଟକ ସହରର ମର୍ଯ୍ୟାଦା କ୍ଷୁଣ୍ଣ ହୋଇଛି ବୋଲି ଅଭିଯୋଗ କରିଥିଲେ। କଟକ ସହରର ବୁଦ୍ଧିଜୀବୀ, ହାଇକୋର୍ଟ, ରାଜ୍ୟର ବଡ଼ ଡାକ୍ତରଖାନା ଓ ପୋଲିସ ମୁଖ୍ୟାଳୟ ଆଦି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟରେ ସଂଶ୍ଳିଷ୍ଟ ଡାକ୍ତର, ଅଧ୍ୟାପକ, ଯନ୍ତ୍ରୀ ଓ ବରିଷ୍ଠ ନାଗରିକଙ୍କ ପ୍ରତିନିଧି ହେବାର ସୁଯୋଗ ପାଇଛି। ନିଷ୍ଠାର ସହିତ ସହର ତଥା ରାଜ୍ୟର ସାମୂହିକ ବିକାଶ ପାଇଁ କାର୍ଯ୍ୟ କରୁଥିବାବେଳେ ଡ. ପାତ୍ରଙ୍କ ଏତାଦୃଶ ମନ୍ତବ୍ୟ ସମସ୍ତଙ୍କର ସମ୍ମାନ, ସ୍ୱାଭିମାନ ଓ ଭାବନାକୁ ଆଘାତ ପହଞ୍ଚାଇଛି। ଏଣୁ ଏହା ଉପରେ ଅଦାଲତ ବିଚାର କରିବାକୁ ମୋକିମ ନିବେଦନ କରିଥିଲେ। ସୂଚନାଯୋଗ୍ୟ, ପରୀ ଘଟଣାରେ କଂଗ୍ରେସ ଦଳର ବିଧାୟକମାନଙ୍କ ପ୍ରତି ଡା. ପାତ୍ର ଅରୁଚିକର ମନ୍ତବ୍ୟ ଦେଇଥିଲେ। ଏ ନେଇ ବିଧାୟକ ମୋକିମ କଟକ ଏସ୍‌ଡିଜେଏମ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଗୋପଦ ମାଧ୍ୟମରେ ପୂର୍ବାଭ୍ୟାସ ଶୋଭାଯାତ୍ରା

**ଗାନ୍ଧିଜୀଙ୍କ ଓଡ଼ିଶା ଆଗମନ ଶତବାର୍ଷିକୀ ପାଳନ ପ୍ରସ୍ତୁତି**

କଟକ ଅଫିସ, ୨।୩

୧୯୨୧ ମାର୍ଚ୍ଚ ୨୩ରେ ମହାତ୍ମା ଗାନ୍ଧୀ କଟକ କାଠଯୋଡ଼ି ନଦୀଶଯ୍ୟାରେ ଦେଶକୁ ସ୍ୱାଧୀନ କରିବା ପାଇଁ ଆଲୋଚନା କରିଥିଲେ। ଗାନ୍ଧିଜୀଙ୍କ ଆଗମନର ଶତବାର୍ଷିକୀ ପାଳନ ସହ ତାଙ୍କ ବାର୍ତ୍ତାକୁ ସ୍ମରଣୀୟ କରିବା ପାଇଁ ଆସନ୍ତା ୨୩ ତାରିଖରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଶୋଭାଯାତ୍ରା ଆୟୋଜନ କରାଯିବ। ଉକ୍ତଦିନ ଶୋଭାଯାତ୍ରା କଟକ ରେଳ ଷ୍ଟେଶନରୁ ବାହାରି କାଠଯୋଡ଼ିସ୍ଥିତ ବେଲଭ୍ୟୁ ଛକଠାରେ ପହଞ୍ଚିବ। ଶୋଭାଯାତ୍ରା ଓ ପ୍ରଜ୍ଞାପନ ମେଢ଼ ସହର ମଧ୍ୟଦେଇ ଅତିକ୍ରମ କରିବା କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ମଙ୍ଗଳବାର ଏକ ପୂର୍ବାଭ୍ୟାସ ଶୋଭାଯାତ୍ରା କରାଯାଇଥିଲା। ଏହି ଶୋଭାଯାତ୍ରାରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ପ୍ରଶାସନିକ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି ଓ ବୁଦ୍ଧିଜୀବୀମାନଙ୍କ ସହ ଗୋପଦ ଅଭିଯାନ ମାଧ୍ୟମରେ କଟକ ରେଳ ଷ୍ଟେଶନଠାରୁ ବାହାରି କାଠଯୋଡ଼ିସ୍ଥିତ ବେଲଭ୍ୟୁ ଛକ ପର୍ଯ୍ୟନ୍ତ ଯାଇଥିଲେ। ଏହି ଶୋଭାଯାତ୍ରାରେ ଜଷ୍ଟିସ୍ ମନୋରଞ୍ଜନ ମହାନ୍ତି, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଡିଆର୍‌ଡିଏ ପିଡି ଅମ୍ବର କର, ସଦର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ପ୍ରଭାସ ମାଝି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ଷଡ଼ଙ୍ଗୀ, ସିଏମ୍‌ସି ଡେପୁଟି କମିଶନର ଅବିନାଶ ରାଉତ, ନିର୍ବାହୀଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ, ଧର୍ମେଶ ନାୟକ ଓ ଗୌତମ ଦାସ ପ୍ରମୁଖ ଯୋଗଦେଇଥିଲେ।


ଶୋଭାଯାତ୍ରାରେ ଜିଲାପାଳଙ୍କ ସହ ଅନ୍ୟମାନେ।

## ଏବିଭିପିର ରାଜ୍ୟ ଅଧିବେଶନ ପାଇଁ ପୋଷ୍ଟର ଉନ୍ମୋଚିତ

କଟକ ଅଫିସ, ୨।୩

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଓଡ଼ିଶା ପ୍ରଦେଶର ୪୫ତମ ରାଜ୍ୟ ଅଧିବେଶନ ଆସନ୍ତା ୬ ଓ ୭ ତାରିଖରେ ବ୍ରହ୍ମପୁରଠାରେ ଅନୁଷ୍ଠିତ ହେବ। ଏବିଭିପି କଟକ ପକ୍ଷରୁ ଉକ୍ତ ଅଧିବେଶନର ପୋଷ୍ଟର ରେଭେନ୍‌ଶା ବିଶ୍ୱବିଦ୍ୟାଳୟଠାରେ ମଙ୍ଗଳବାର ଉନ୍ମୋଚିତ ହୋଇଯାଇଛି। ଏହି ଅଧିବେଶନରେ ରାଜ୍ୟର ଶିକ୍ଷା ସ୍ଥିତି ବିଷୟରେ ଆଲୋଚନା ହେବ। ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ, ଶିକ୍ଷାନୁଷ୍ଠାନଗୁଡ଼ିକର ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ ଏବିଭିପି ରାଜ୍ୟ ସହସମ୍ପାଦିକା ସଙ୍ଗୀତା ପଣ୍ଡା, କଟକ ଜିଲା ସଂଯୋଜକ ଓମ୍ ପ୍ରକାଶ ପଣ୍ଡା, ସୋନାଲି ବେହେରା, ଛାତ୍ର ବିକାଶ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରାଉନସୁଗାର ଜବତ: ଯୁବକ ଗିରଫ

କଟକ ଅଫିସ, ୨।୩: କଟକ ଗଡ଼ଗଡିଆ ଗଡ଼ା ନିକଟରେ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ମଙ୍ଗଳବାର ଚଢାଉ କରାଯାଇ ୨୨୫ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଏହି ଘଟଣାରେ ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳର ଶେଖ୍ ଅବ୍‌ଦୁଲ୍ ହୁସେନ(୩୮)ଙ୍କୁ ଗିରଫ କରାଯାଇଛି। ଅବକାରୀ ଗୋଇନ୍ଦା ବିଭାଗ ଅଧିକାରୀ ଜଗଦୀଶ ଚନ୍ଦ୍ର ସାମଲଙ୍କ ସୂଚନା ଅନୁଯାୟୀ, ଉକ୍ତ ଗଡ଼ା ନିକଟରେ ବ୍ରାଉନ୍‌ସୁଗାର ବିକ୍ରି ହେଉଥିବା ଖବର ପାଇବା ପରେ ଅବକାରୀ ଟିମ୍ ଚଢ଼ାଉ କରିଥିଲା। ସେଠାରୁ ଅବଦୁଲ୍‌ଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଉକ୍ତ ବ୍ରାଉନସୁଗାର ଓ ବାଇକ ଜବତ କରିଥିଲା। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨୩ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଅବ୍‌ଦୁଲ୍ ଜଳେଶ୍ୱର ଅଞ୍ଚଳରୁ ବ୍ରାଉନସୁଗାର ଆଣି କଟକ ସହରର ଛୋଟ ବ୍ୟବସାୟୀଙ୍କୁ ଯୋଗାଇଥାଏ ବୋଲି ସାମଲ କହିଛନ୍ତି।

## ଦାବି ପୂରଣ ନ ହେଲେ ନବୀନ ନିବାସ ସମ୍ମୁଖରେ ଅନଶନ

କଟକ ଅଫିସ, ୨।୩: ସରକାରଙ୍କ ପକ୍ଷରୁ କରୋନା କଟକଣା କୋହଳ ହେବା ପରେ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଓ ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିଛି। ହେଲେ ଦୋଳି, ମିନାବଜାର ଖୋଲିବା ପାଇଁ ସରକାର ଅନୁମତି ଦେଉନାହାନ୍ତି। ଦୀର୍ଘମାସ ଧରି ବ୍ୟବସାୟ ବନ୍ଦ ରହିଥିବାରୁ ବ୍ୟବସାୟୀ ଓ ସେମାନଙ୍କ ପରିବାର ଲୋକେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଦୋଳି ଓ ମିନାବଜାର ଖୋଲିବା ପାଇଁ ମହାସଂଘ ପକ୍ଷରୁ ଦାବି ହୋଇଛି। ଯଦି ସରକାର ଆସନ୍ତା ୭ ଦିନ ମଧ୍ୟରେ ଉକ୍ତ ଦାବି ପୂରଣ ନ କରନ୍ତି ତେବେ ସପରିବାର ନବୀନ ନିବାସ ଆଗରେ ଅନଶନରେ ବସିବେ ବୋଲି ମଙ୍ଗଳବାର କଟକ ବାଖରାବାଦସ୍ଥିତ ଗାନ୍ଧୀଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହାସଂଘ ସଭାପତି ଅନନ୍ତ ଚରଣ ସାହୁ କହିଛନ୍ତି। ଏହି ସମ୍ମିଳନୀରେ ଉପଦେଷ୍ଟା ଦେବାଶିଷ ରାଉତ, ସମ୍ପାଦକ ସମ୍‌ସାଦ ଅଲ୍ଲୀ, କୋଷାଧ୍ୟକ୍ଷ ଅଭିଷେକ ଜେନା, ଅନାଦି ସାହୁ, ଅରୁଣ ମଲ୍ଲିକ ଓ ତପନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ସରସ୍ୱତୀ ଶିଶୁ ମନ୍ଦିର
ତେଲଦିଆ, ସୋମପୁର, କଟକ
ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଓ ଶିକ୍ଷାବିକାଶ ସମିତି, ଓଡ଼ିଶାଙ୍କ ସହବନ୍ଧିତ
ନାମଲେଖା ବିଜ୍ଞାପନ
ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି କି, ଆମ୍ଭ ଅନୁଷ୍ଠାନରେ ୨୦୨୧–୨୨ ଶିକ୍ଷା ବର୍ଷ ପାଇଁ ନୂତନ ନାମଲେଖା ଆସନ୍ତା ତା୦୧।୦୪।୨୦୨୧ରିଖଠାରୁ ଆରମ୍ଭ ହେବ। ଆଗ୍ରହୀ ଛାତ୍ରଛାତ୍ରୀ ଓ ଅଭିଭାବକ ଶିଶୁମନ୍ଦିର କାର୍ଯ୍ୟାଳୟରୁ ନାମ ଲେଖା ଫର୍ମ ସଂଗ୍ରହ କରି ତା୩୦।୦୪।୨୦୨୧ରିଖ ମଧ୍ୟରେ ନାମଲେଖା ପାଇଁ ଆବେଦନ କରିପାରିବେ। ସରକାରଙ୍କ ଶିକ୍ଷା ଅଧିକାର ଅଧିନିୟମ ୨୦୦୯ ଅନୁଯାୟୀ ପ୍ରଥମ ଶ୍ରେଣୀରେ ପ୍ରବେଶ କ୍ଷମତାର ୨୫% ସ୍ଥାନ ସୁବିଧାରୁ ବଞ୍ଚିତ ଶ୍ରେଣୀ ଓ ଆର୍ଥିକ ଦୁର୍ବଳ ଶ୍ରେଣୀ ଶିଶୁଙ୍କ ପାଇଁ ନିଃଶୁଳ୍କ ଶିକ୍ଷା ନିମନ୍ତେ ସଂରକ୍ଷିତ ରହିଛି। ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଆଗ୍ରହୀ ଛାତ୍ରଛାତ୍ରୀ ଓ ଅଭିଭାବକ ଓଡ଼ିଶା ସରକାରଙ୍କ Website: https://rteparadarshi.odisha.gov.in ପରିଦର୍ଶନ କରି Onlineରେ ନାମ ପଞ୍ଜୀକରଣ କରି ଏହି ସୁବିଧା ହାସଲ କରିପାରିବେ। ଏହି ସମ୍ପର୍କରେ ଅଧିକ ସୂଚନା ଆବଶ୍ୟକ କରୁଥିଲେ ଶିଶୁମନ୍ଦିର କାର୍ଯ୍ୟାଳୟ ସହ ଯୋଗାଯୋଗ କରିବା ପାଇଁ ଅନୁରୋଧ।
ପ୍ରଧାନ ଆଚାର୍ଯ୍ୟ/ସମ୍ପାଦକ

## ଜିଲା ଶ୍ରମ ଅଧିକାରୀଙ୍କ ଅଫିସ ଆଗରେ ବିକ୍ଷୋଭ



ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କଟକ ଜିଲା ଶାଖା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

**ଶ୍ରମିକଙ୍କୁ ସାଇକେଲ, କରୋନା ସହାୟତା ପ୍ରଦାନ ଦାବି**

କଟକ ଅଫିସ, ୨।୩

ବିଭିନ୍ନ ଦାବି ନେଇ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କଟକ ଜିଲା ଶାଖା ପକ୍ଷରୁ ମଙ୍ଗଳବାର ନୂଆପଡ଼ାସ୍ଥିତ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଅଭିଯୋଗ ଅନୁଯାୟୀ, ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଦୀର୍ଘଦିନ ଧରି ଶ୍ରମିକମାନଙ୍କୁ ସାଇକେଲ, ଶିକ୍ଷା, ବିବାହ ସହ କରୋନା ସହାୟତା ପ୍ରଦାନ କରାଯାଇନାହିଁ। ତୁରନ୍ତ ସେମାନଙ୍କୁ ସହାୟତା ପ୍ରଦାନ କରିବା, ନିର୍ମାଣ ଶ୍ରମିକମାନଙ୍କଠାରୁ ନାମ ପଞ୍ଜୀକରଣ ଦରଖାସ୍ତ ଗ୍ରହଣ କରିବାକୁ ସଙ୍ଗଠନ ପକ୍ଷରୁ ଦାବି ହୋଇଛି। ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ରାଜ୍ୟ ଉପସଭାପତି ମଦନ ମୋହନ ଧଳଙ୍କ ନେତୃତ୍ୱରେ ଆୟୋଜିତ ବିକ୍ଷୋଭରେ ସଙ୍ଗଠନର କଟକ ଜିଲା ସଭାପତି ବିପିନ ବିହାରୀ ରାଉତରାୟ, ଜିଲା ମହିଳା ସଭାପତି ସାରଦା ମହାନ୍ତି, ମହିଳା କମିଟି ସଦସ୍ୟାଙ୍କ ସମେତ ଶତାଧିକ ନିର୍ମାଣ ଶ୍ରମିକ ଯୋଗଦେଇଥିଲେ।

## 'ସଂସ୍କୃତ ଭାଷା, ଭାରତୀୟ ସଂସ୍କୃତି ଅଙ୍ଗାଙ୍ଗୀଭାବେ ଜଡ଼ିତ'

ବଡମ୍ବା,୨।୩(ଡି.ଏନ୍.ଏ.)

ବଡ଼ମ୍ବା ବ୍ଲକ୍ ଅନ୍ତର୍ଗତ ମାଣିଆବନ୍ଧ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ଆନୁକୂଲ୍ୟରେ ସଂସ୍କୃତ ଓ ଭାରତୀୟ ସଂସ୍କୃତି ସମ୍ପର୍କରେ ଏକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତ ବିଭାଗ ମୁଖ୍ୟ ଅଧ୍ୟାପକ ସାରଦାନନ୍ଦ ଦାଶଙ୍କ ଏହାକୁ ପରିଚାଳନାରେ କରିଥିବା ବେଳେ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ପରିଡା ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ବଡ଼ମ୍ବା ଓକିଲ ସଂଘ ସଭାପତି ତଥା ସାହିତ୍ୟିକ କୈଳାସ ଚନ୍ଦ୍ର ଜେନା ଯୋଗଦେଇ ସଂସ୍କୃତ ଭାଷା ଭାରତୀୟ ସଂସ୍କୃତି ଅଙ୍ଗାଙ୍ଗୀଭାବେ ଜଡିତ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ଖବରଦାତା ସୁଜିତ୍ କୁମାର ପଟ୍ଟନାୟକ ଓ ରାଜନୀତି ବିଜ୍ଞାନ ର ଅଧ୍ୟାପକ ଦୀନେଶ ଚନ୍ଦ୍ର ଦାସ ଯୋଗଦେଇଥିଲେ। ଏହି ଅବସରରେ ଗତବର୍ଷ ବାର୍ଷିକ ପରୀକ୍ଷାରେ ସଂସ୍କୃତରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ଶୁଭଶ୍ରୀ ସ୍ୱାଇଁଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଖଗେଶ୍ୱର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
NORTH EASTERN RURAL WORKS CIRCLE, KEONJHAR
Tel.06766-258301 (O), Email ID: se_nerwkjr@rediffmail.com
"e" Procurement Notice for Road Works
No.O-1167:- Identification No. Road Online NCB No.291
No.858 Date:24.02.2021

1. Name of the work: Road work under DMF in the District of Keonjhar. 2. No. of works: 01 (One) No. 3. Estimated cost: As per Annexure in NIT. 4. Class of contractor (Eligible): As per Annexure in NIT. 5. Period of completion : As per Annexure in NIT. 6. Other details:

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in O/o S.E.N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural Works Circle, Keonjhar | Road Online NCB No.291 | Dt.04.03.21 at 11.00 A.M. | Dt.18.03.21 upto 5.00 P.M. | Dt.17.03.21 upto 5.00 P.M. | Dt.19.03.21 at 11.30 A.M. | Will be intimated later |

Further details can be seen from the website: www.tendersorissa.gov.in
OIPR-25048/11/0019/2021 Sd./- P.K. Misra, Superintending Engineer, N.E.R.W. Circle, Keonjhar

GOVERNMENT OF ODISHA
OFFICE OF THE SUPERINTENDING ENGINEER
SOUTHERN CIRCLE, RURAL WORKS, SUNABEDA
email: serwsbd2003@yahoo.com
No.O-1169:- E-Procurement Notice for Road & Bridge works

1. Name of the work : 1) Improvement to Badairukubadi to AP Border Via Kanchamuhi Kopadanga under Inter District Inter Block connectivity (01 No.) 2) Construction of Road from Killar to Dumbaguda Road under DMF (01 No.)
2 Class of contractor : 'B', 'A', Special Class of (Odisha PWD) or relevant class of other licencing authority.
3 Estimated cost : Varies from Rs.132.19 lakhs to Rs.443.20 lakhs (Approximately)
4 Details projects as per Annexure attached :

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works, Southern Circle, Sunabeda | SERWSCSBD-Online-10/2020-21 | 04.03.2021 at 11.00 A.M. | 18.03.2021 upto 5.30 P.M. | 17.03.2021 upto 2.00 P.M. | 19.03.2021 at 11.00 A.M. | To be intimated separetely |

5. The details of NON PMGSY works can be seen from the website https://www.tendersodisha.gov.in
6. Any corrigendum/addendum will be displayed in the above e-tender websites.
OIPR-25045/11/0010/2021 Superintending Engineer, Southern Circle, RW, Sunabeda

**ପମସରାରୁ ହରିଣର ମୃତଦେହ ଜବତ**

ପୁରଣା ଭୁବନେଶ୍ୱର/ପିପିଲି, (ଡି.ଏନ୍.ଏ.): ପିପିଲି ବ୍ଲକ ଅଧୀନ ପମସରା ଗହିରରୁ ମଙ୍ଗଳବାର ସ୍ଥାନୀୟ ବନ କର୍ମଚାରୀ ଏକ ବାଲି ହରିଣର ମୃତଦେହ ଜବତ କରିଛନ୍ତି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଖାଦ୍ୟାଭାବରୁ ହରିଣର ମୃତ୍ୟୁ ହୋଇଥିବା ଗ୍ରାମବାସୀ କହିଛନ୍ତି। ସୂଚନା ମୁତାବକ, ପମସରା ଗହିରରେ ମଙ୍ଗଳବାର ସକାଳେ ଏକ ମୃତ ହରିଣ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ବନ କର୍ମଚାରୀ ପହଞ୍ଚି ହରିଣର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

## ସଂକ୍ଷେପରେ

### ରାସ୍ତା କାର୍ଯ୍ୟ ତଦାରଖ କଲେ ଏମ୍‌ପି



ଜଟଣୀ,୨।୩(ଡି.ଏନ୍.ଏ.): ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମଙ୍ଗଳବାର ଜଟଣୀ ବ୍ଲକ ଅଧୀନରେ ନିର୍ମାଣ ହେଉଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା କାର୍ଯ୍ୟର ତଦାରଖ କରିଛନ୍ତି। ଛଣଘର ପଞ୍ଚାୟତର ଓଗରସୂଆଁ, ଗୋପୀନାଥପୁରଠାରେ ୨କୋଟି ୨୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଏବଂ ଜଟଣୀ ମ୍ୟୁନିସିପାଲିଟି ଅନ୍ତର୍ଗତ ୧୦ନଂ. ୱାର୍ଡ ଦେଇଯାଇଥିବା ବ୍ଲକ ଛକକଠାରୁ ଉପରବସ୍ତ ଗ୍ରାମ ପର୍ଯ୍ୟନ୍ତ ୧କୋଟି ୪୪ଲକ୍ଷ ଟଙ୍କାରେ ନିର୍ମାଣ ହେଉଥିବା ୪ କିଲୋମିଟର ରାସ୍ତାରୁ ୨.୫ କି.ମି. ରାସ୍ତା କାର୍ଯ୍ୟର ଗୁଣବତ୍ତା ସହିତ ବିଭିନ୍ନ ସମସ୍ୟାର ସମୀକ୍ଷା କରିଛନ୍ତି। ଆସନ୍ତା ୩୧ ତାରିଖ ସୁଦ୍ଧା କାର୍ଯ୍ୟ ସାରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଭାଜପା ନେତା ବିଶ୍ୱରଞ୍ଜନ ବଡଜେନା, ଖୋର୍ଦ୍ଧା ଜିଲା ଭାଜପା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ପ୍ରତାପ ବରାଳ, ଏମ୍‌ପିଙ୍କ ପ୍ରତିନିଧି ପଦ୍ମଚରଣ ପ୍ରଧାନଙ୍କ ସମେତ ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ।

### ଡଲ୍‌ଫିନ ସୁରକ୍ଷା ସଚେତନତା

କୃଷ୍ଣପ୍ରସାଦ,୨।୩(ଡି.ଏନ.ଏ): କୃଷ୍ଣପ୍ରସାଦ ବ୍ଲକ ଅଧୀନ ଚିଲିକା ଘିମୁଦା ଘାଟ ପେଣ୍ଠ ନିକଟ ପାରିକୁଦ ବନପାଳଙ୍କ କାର୍ଯ୍ୟାଳୟ ପରିସରରେ ଇରାୱାଡ଼ି ଡଲଫିନ ସୁରକ୍ଷା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବାଲୁଗାଁ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ପ୍ରମୋଦ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ କୃଷ୍ଣପ୍ରସାଦ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପାରିକୁଦ ବନପାଳ ଜିତେନ୍ଦ୍ରାୟ ଜେନା, ସମ୍ମାନିତ ଅତିଥି ଭାବେ ଭଗବାନ ସେନାପତି, ଡଙ୍ଗା ଚାଳକ ସଂଘ ସଦସ୍ୟ ସୁବାସ ଚନ୍ଦ୍ର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ବନରକ୍ଷୀ ସୁଜିତ୍ କୁମାର ବେହେରା ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଚିଲିକାରେ ଦେଖାଯାଉଥିବା ଇରାୱାଡି ଡଲଫିନଙ୍କ ସୁରକ୍ଷା ନେଇ ଗୁରୁତ୍ୱ ଦିଆଯିବାକୁ କର୍ମଶାଳାରେ ମତ ପ୍ରକାଶ ପାଇଥିଲା।

### ଭଲିବଲ: ରାଇମୂଳ ଚାମ୍ପିୟନ

ବେଗୁନିଆ,୨।୩(ଡି.ଏନ୍.ଏ.): ବୋତଲମା ପଞ୍ଚାୟତ ଅଧୀନ ପାଟଣାହାଟ ଗଜଲକ୍ଷ୍ମୀ ପଡ଼ିଆରେ ଅନୁଷ୍ଠିତ ଦିବାରାତ୍ରି ପ୍ରତାପ ସାମନ୍ତସିଂହାର ଭଲିବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ସୋମବାର ଛତ୍ରପଡ଼ାକୁ ୨-୧ ସେଟରେ ହରାଇ ରାଇମୂଳ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟରେ ଭୋଗଡ଼ା, କୁରାଢ଼ିଲ, ରାଇମୂଳ, ଛତ୍ରପଡ଼ା, ରଥିପୁର, ଇଟାମାଟି ଟିମ୍ ଅଂଶଗ୍ରହଣ କରିଥିଲେ। ରେଫରିଭାବେ ଲଳିତ ମୋହନ ବଳିଆରସିଂହ, ଆଲୋକ ଦାସ, ପାପୁନ ବେହେରା, ଜିତେନ୍ଦ୍ର ସାମନ୍ତସିଂହର ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ଜୟନ୍ତ କୁମାର ମାର୍ଥା ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ଓ ରନର୍ସଅପ୍ ଟିମକୁ ଅର୍ଥ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଉକ୍ତ ଟୁର୍ନାମେଣ୍ଟର ଶୁଭାରମ୍ଭ କରିବା ସହ ସ୍ଥାନୀୟ ନେତା ପ୍ରକାଶ ଚନ୍ଦ୍ର ବିଜୁଳି, ରବିନାରାୟଣ ଚମ୍ପତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟ ନବଜ୍ୟୋତି ଯୁବ ପରିଷଦ କ୍ଲବ, ମା'ମଙ୍ଗଳା ୟୁଥ କ୍ଲବ ପକ୍ଷରୁ ଆୟୋଜିତ ହୋଇଥିଲା।

### ଭଗବତ ଦେବଙ୍କ ଜନ୍ମବାର୍ଷିକ ଉତ୍ସବ

କୃଷ୍ଣପ୍ରସାଦ,୨।୩(ଡି.ଏନ୍.ଏ.): କୃଷ୍ଣପ୍ରସାଦ ବ୍ଲକ ଅଧୀନ ରସକୁଦି ଗ୍ରାମରେ ଶ୍ରୀ ଭଗବତ ବାସୁଦେବଙ୍କ ଶତାୟୁ ଜନ୍ମବାର୍ଷିକ ଉତ୍ସବ ୪ଦିନ ଧରି ପାଳିତ ହୋଇଯାଇଛି। ଏହି ଅବସରରେ ସତ୍ୟ ନାରାୟଣ ପାଲା, ଲୋକନୃତ୍ୟ ରାମ ନାଟକ ଏବଂ ଭଜନ ସମାରୋହ ଆୟୋଜିତ ହୋଇଥିଲା। ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ନାମ ପରିବେଷଣ କରୁଥିବା ବେଳେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ସମର କଳା ପାଇକ ଆଖଡ଼ା ପ୍ରଦର୍ଶନ ହେଉଥିଲା। ଗ୍ରାମ୍ୟ କମିଟି ସଭାପତି ସନ୍ୟାସୀ ବେହେରା, ଫକୀର ବେହେରା, ପ୍ରସନ୍ନ ମଲ୍ଲିକ, ଭାସ୍କର ମଲ୍ଲିକ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# ଜିଲାପାଳଙ୍କ ଅଫିସ୍ ଆଗରେ ଧାନବସ୍ତା ରଖି ଧାରଣା

ଖୋର୍ଦ୍ଧା ଅଫିସ,୨।୩

■ ଆତ୍ମାହୁତି ଧମକ ଦେଲେ ଚାଷୀ

■ ମଣ୍ଡିରେ ସମସ୍ତ ଚାଷୀଙ୍କ ଧାନ କିଣାଯାଉ

ଖୋର୍ଦ୍ଧା ଜିଲାରେ ଚଳିତ ବର୍ଷ ଖରିଫ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଛି। ଟୋକନ ପାଇ ସୁଦ୍ଧା ପଞ୍ଜୀକୃତ ଚାଷୀଙ୍କ ଧାନ ମଣ୍ଡିରେ ଉଠୁନି। ଚଳିତ ବର୍ଷ ଲକ୍ଷ୍ୟଧାର୍ଯ୍ୟ ଠାରୁ ଅଧିକ ଧାନ କିଣାଯାଇଥିବା ସରକାର ଡିଣ୍ଡିମ ପିଟୁଥିବା ବେଳେ ଖୋର୍ଦ୍ଧା ଜିଲାରେ ଚାଷୀ ଟନ୍ ଟନ୍ ଧାନ ଧରି ବସିଛନ୍ତି। ଏହା ପ୍ରତିବାଦରେ ମଙ୍ଗଳବାର ନବନିର୍ମାଣ କୃଷକ ସଙ୍ଗଠନ ନେତୃତ୍ୱରେ ଖୋର୍ଦ୍ଧା ଜିଲାର ଶତାଧିକ ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାନବସ୍ତା ରଖି ଅଢେଇ ଘଣ୍ଟା ଧରି ଧାରଣା ଦେଇଥିଲେ। ମଣ୍ଡିରେ ଧାନ କିଣା ନ ହେଲେ ବିଷପିଇ ଆତ୍ମାହୃତି ଦେବୁ ବୋଲି ସେମାନେ ଚେତାବନୀ ଦେଇଥିଲେ। ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅତିରିକ୍ତ ଏସ୍‌ପି ମାୟାଧର ସେଠୀ, ଟାଉନ ଥାନା ଅଧିକାରୀ ଉମାଶଙ୍କର ସିଂ ପ୍ରମୁଖ ପହଞ୍ଚି ବୁଝାଶୁଝା କରିବା ସତ୍ତ୍ୱେ ଚାଷୀ ନିଜ ଜିଦ୍‌ରେ ଅଟଳ ରହିଥିଲେ। କେତେଜଣ ଚାଷୀ ଧାନବସ୍ତା ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ଆଗରେ ରଖି ଧାରଣା ଦେଇଥିଲେ।



ଧାନବସ୍ତା ରଖି ଧାରଣାରେ ବସିଛନ୍ତି ଚାଷୀ।

ପୋଲିସ ଓ ଚାଷୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ପରେ ଜିଲାପାଳ ସନତ ମହାନ୍ତି ଧାରଣାସ୍ଥଳକୁ ଆସି ଚାଷୀଙ୍କ ସହ ଆଲୋଚନା କରିଥିଲେ। ସମସ୍ତ ଚାଷୀଙ୍କ ଧାନକିଣା ବ୍ୟବସ୍ଥା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ପ୍ରକାଶ ଯେ, ଖୋର୍ଦ୍ଧା ଜିଲାରେ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ନେଇ ନବନିର୍ମାଣ କୃଷକ ସଙ୍ଗଠନ ଗତ ୨୩ ତାରିଖରେ ଜିଲାପାଳଙ୍କୁ ଏକ ପତ୍ର ଦେଇଥିଲା। ଜିଲାର ସମସ୍ତ ଚାଷୀଙ୍କ ଧାନ କିଣା ନ ଗଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦେଇଥିଲା। ତେବେ ଜିଲା ପ୍ରଶାସନ ଏହାକୁ ଅତି ହାଲୁକା ଭାବେ ଗ୍ରହଣ କରିଥିଲା। ଫଳରେ ମଙ୍ଗଳବାର ପୂର୍ବାହ୍ନରେ ଶତାଧିକ ଚାଷୀ ଏକ ଗାଡ଼ିରେ ଶହେରୁ ଊର୍ଦ୍ଧ୍ୱ ଧାନବସ୍ତା ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲେ। ସେଠାରେ ଧାନବସ୍ତା ଗଦା କରିଥିଲେ। ସମସ୍ତ ଚାଷୀଙ୍କ ଧାନ କିଣିବାକୁ ଦାବି କରିଥିଲେ। କୃଷକ ସଙ୍ଗଠନର ଜିଲା ସଭାପତି ସୁରେଶ ମାନସିଂ କହିଛନ୍ତି, ଧାନକିଣାରେ ବ୍ୟାପକ ଅନିୟମିତତା ନେଇ ଜିଲାପାଳଙ୍କୁ ବାରମ୍ବାର ଅଭିଯୋଗ ଜଣାଇ ନିରାଶ ହେବାରୁ ଶେଷରେ ଏଭଳି ଆନ୍ଦୋଳନକୁ ଓହ୍ଲାଇଲୁ। ତୁରନ୍ତ ଚାଷୀଙ୍କ ଧାନ ନ ଉଠିଲେ, ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଚଳ କରିଦିଆଯିବ। ସେହିପରି ମହିଳା ମୋର୍ଚ୍ଚା ଆବାହିକା ମଧୁସ୍ମିତା ସାମଲ କହିଛନ୍ତି, ଚାଷୀ ବହୁ ପ୍ରତିକୂଳ ପରିସ୍ଥିତିର ସାମ୍ନା କରି ଧାନ ଅମଳ କରୁଛି। ମାତ୍ର ଧାନ ବିକ୍ରି ବେଳେ ନାନା ସମସ୍ୟା ଭୋଗୁଛି। ଟୋକନର ଅବଧି ଏକମାସ ପର୍ଯ୍ୟନ୍ତ ରହିବ ବୋଲି ଯୋଗାଣ ମନ୍ତ୍ରୀ ବିଧାନସଭାରେ ବିବୃତି ଦେଇଥିବା ବେଳେ ସମିତି ସମ୍ପାଦକମାନେ ଜାଣିଶୁଣି ଚାଷୀଙ୍କ ଧାନ କିଣୁନାହାନ୍ତି। ମଣ୍ଡିରେ ଦଲାଲଙ୍କ ରାଜୁତି ସତ୍ତ୍ୱେ ପ୍ରଶାସନ ଚୁପ୍ ବସିଛି। ଅନ୍ୟପକ୍ଷରେ ଜିଲାପାଳ ମହାନ୍ତି କହିଛନ୍ତି, ଚାଷୀଙ୍କ ସହ ଆଲୋଚନା ହୋଇଛି। ସମସ୍ତ ଚାଷୀଙ୍କ ଧାନ କିଣାଯିବା ନେଇ ବ୍ୟବସ୍ଥା କରାଯିବ।

# ଏନ୍‌ଏଚ୍‌ରେ ଲୁଟ୍ ଯୋଜନା: ୨ ଗିରଫ

ଖୋର୍ଦ୍ଧା ଅଫିସ,୨।୩

ଭୁବନେଶ୍ୱର-ଚେନ୍ନାଇ ୧୬ନମ୍ବର ଜାତୀୟ ରାଜପଥରେ ଲୁଟେରାଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି। ଏହି ରାଜପଥ ଦେଇ ଯାତାୟାତ କରୁଥିବା ଗାଡ଼ି ଓ ଲୋକଙ୍କୁ ଲୁଟେରାମାନେ ମାରଣାସ୍ତ୍ରରେ ଡରାଇ ଧମକାଇ ଲୁଟପାଟ କରୁଛନ୍ତି। ମଙ୍ଗଳବାର ୧୬ ନମ୍ବର ଜାତୀୟ ରାଜପଥର ପଲ୍ଲା ଛକଠାରେ ୪ଜଣ ଲୁଟେରା ଲୁଟ୍ ଯୋଜନା କରୁଥିବା ବେଳେ ଖବର ପାଇ ଖୋର୍ଦ୍ଧା ଟାଉନ ଥାନା ପୋଲିସ ପହଞ୍ଚି ୨ଜଣଙ୍କୁ ଗିରଫ କରିଛି। ଅନ୍ୟ ୨ଜଣ ଫେରାର ହୋଇଯାଇଛନ୍ତି। ଗିରଫ ଲୁଟେରା ଦ୍ୱୟ ହେଲେ ଖୋର୍ଦ୍ଧା ଥାନା ଅନ୍ତର୍ଗତ ସ୍ୱପ୍ନେଶ୍ୱର ସାହି ସାମନ୍ତରାପୁରର ଲିଟୁ ଓରଫ ଲିପୁଲ୍ ଓରଫ ଲିଙ୍ଗରାଜ ବେହେରା (୨୩) ଏବଂ ସଦର ଥାନା ଅଧୀନ ଦଳେଇପୁଟ ଗ୍ରାମର ଆକାଶ ବାରିକ(୨୦)। ଏମାନଙ୍କଠାରୁ ୨ ପିସ୍ତଲ, ୩ ଜୀବନ୍ତ ଗୁଳି ଓ ୨ ମୋବାଇଲ ଫୋନ୍ ଜବତ କରାଯାଇଛି। ଗତ ଡିସେମ୍ବର ୮ର ଗୁରୁଜଙ୍ଗ ଗୁଳିକାଣ୍ଡ ଘଟଣାରେ ଲିଙ୍ଗରାଜଙ୍କ ସମ୍ପୃକ୍ତି ରହିଛି। ତାଙ୍କ ନାମରେ ଖୋର୍ଦ୍ଧା ଥାନାରେ ୬ଟି କେସ୍ ରହିଛି ବୋଲି ମଙ୍ଗଳବାର ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ସୁଶିଲ କୁମାର ମିଶ୍ର କହିଛନ୍ତି। ଆକାଶଙ୍କ ନାମରେ କେଉଁ ମାମଲାରେ ସମ୍ପୃକ୍ତି ରହିଛି ସେନେଇ ତଦନ୍ତ ଜାରି ରହିଛି। ଖୋର୍ଦ୍ଧାରେ ଅପରାଧ ନିୟନ୍ତ୍ରଣ ଲାଗି ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ ହୋଇଛି। ଏହାକୁ ତ୍ୱରାନ୍ୱିତ କରାଯିବ। ଜାତୀୟ ରାଜପଥ ଓ ଖୋର୍ଦ୍ଧା ସହରରେ ରାତ୍ରିକାଳୀନ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବ ବୋଲି ଏସ୍‌ଡିପିଓ କହିଛନ୍ତି। ଏହି ଅବସରରେ ଥାନାଧିକାରୀ ଉମାଶଙ୍କର ସିଂ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ, ମଙ୍ଗଳବାର ଭୋର ୪ଟାରେ ୪ଜଣ ଲୁଟେରା ୧୬ନମ୍ବର ଜାତୀୟ ରାଜପଥ ଦେଇ ଯାତାୟାତ କରୁଥିବା ବାହାର ରାଜ୍ୟର ମାଲବାହୀ ଟ୍ରକରୁ ଲୁଟ୍ ଯୋଜନା କରୁଥିବା ପୋଲିସକୁ ଖବର ମିଳିଥିଲା। ତୁରନ୍ତ ରାତ୍ରକାଳୀନ ପାଟ୍ରୋଲିଂ ଟିମ୍ ସେଠାରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଲୁଟେରାମାନେ ଦୌଡ଼ି ପଳାଉଥିଲେ। ଏହି ସମୟରେ ପୋଲିସ ଓ ଲୁଟେରାଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ୨ଜଣ ଫେରାର ହୋଇଯାଇଥିବାବେଳେ ପୋଲିସ ୨ଜଣଙ୍କୁ ଧରିଥିଲା। ଏନେଇ ଥାନାରେ ମାମଲା (ନଂ. ୮୮/୨୧) ରୁଜୁ ହୋଇଛି।





ଗିରଫ ୨ ଅଭିଯୁକ୍ତ ଏବଂ ଜବତ ବନ୍ଧୁକ ଓ ଗୁଳି।

### ଛାତ୍ରୀଙ୍କୁ କମେଣ୍ଟ, ୫ ଗିରଫ

ବାଲୁଗାଁ,୨।୩(ଡି.ଏନ୍.ଏ.)

ବାଲୁଗାଁ ଥାନା ଅଧୀନ ସାମନ୍ତରାପୁର ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ କମେଣ୍ଟ କରିବାକୁ କେନ୍ଦ୍ରକରି ମାରପିଟ ଓ ଭଙ୍ଗାରୁଜା ଘଟଣାରେ ପୋଲିସ ମଙ୍ଗଳବାର ୫ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତେବେ ଅଧିକ ଗିରଫଦାରି ଭୟରେ ଗାଁ ପୁରୁଷ ଶୂନ୍ୟ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ସୋମବାର ସନ୍ଧ୍ୟାରେ ସାମନ୍ତରାପୁର ଅଞ୍ଚଳର ଜଣେ ଛାତ୍ରୀ ଘରକୁ ଫେରୁଥିବା ବେଳେ ଉକ୍ତ ଅଞ୍ଚଳର ଜଣେ ଯୁବକ ତାଙ୍କୁ କମେଣ୍ଟ କରିଥିଲେ। ଛାତ୍ରୀ ଜଣକ ଏହାକୁ ବିରୋଧ କରିବାରୁ ଯୁବକ ଜଣଙ୍କ ତାଙ୍କୁ ଗାଳିଗୁଲଜ କରିଥିଲେ। ଏନେଇ ଛାତ୍ରୀ ଜଣକ ଘଟଣା ସମ୍ପର୍କରେ ଘରେ ଜଣାଇଥିଲେ। ଛାତ୍ରୀଙ୍କ ପରିବାର ଲୋକେ ସମ୍ପୃକ୍ତ ଯୁବକଙ୍କୁ ତାଗିଦ କରିବା ବେଳେ ଉଭୟଙ୍କ ମଧ୍ୟରେ ବଚସା ଓ ପରେ ମାରପିଟ ହୋଇଥିଲା। ପରେ ସମ୍ପୃକ୍ତ ଯୁବକ ଓ ତାର ସହଯୋଗୀମାନେ ଛାତ୍ରୀଙ୍କ ଘରେ ପଶି ଭଙ୍ଗାରୁଜା କରିଥିଲେ। ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ପୋଲିସ ଦୁଇଟି ମାମଲା (ନଂ.୩୮/୨୧, ୩୯/୨୧) ରୁଜୁକରି ୫ଜଣଙ୍କୁ ଗିରଫ କରିଛି।



ପୁରୀ ସିଦ୍ଧ ମହାବୀରଠାରେ ଚାଲିଥିବା ସମିତ୍ ପୃଷ୍ଟି ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଅତିଥିମାନେ।

### ବେଆଇନ ଖଣିରେ ଚଢ଼ାଉ, ୩ ଗିରଫ

ବେଗୁନିଆ,୨।୩(ଡି.ଏନ୍.ଏ.)

**୭ ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ**

ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅଞ୍ଚଳରେ ଥିବା ବେଆଇନ ଖଣିରେ ସୋମବାର ରାତିରେ ତହସିଲ ପକ୍ଷରୁ ଚଢ଼ାଉ କରାଯାଇଥିଲା। ୭ଟି ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ ହୋଇଥିବା ବେଳେ ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଅମର ଚନ୍ଦ୍ର ରାଉତ, ସୂର୍ଯ୍ୟ ନାରାୟଣ ଗୌଡ ଏବଂ ପ୍ରଦୀପ କୁମାର ଜେନା। ଏନେଇ ବେଗୁନିଆ ଥାନାରେ ୩ଟି ମାମଲା (ନଂ.୪୦/୨୧, ୪୧/୨୧, ୪୨/୨୧)ରୁଜୁ ହୋଇଛି। ବେଗୁନିଆ ଅଞ୍ଚଳରେ ଥିବା ବେଆଇନ ଖଣିରୁ ଶହ ଶହ ଟ୍ରକ୍, ଟ୍ରାକ୍ଟରରେ ମୋରମ ଓ ମାଙ୍କଡ଼ା ଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ତହସିଲଦାର ପୃଥ୍ୱୀରାଜ ମଣ୍ଡଳ, ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ସହାୟତାରେ ବିଞ୍ଝିଣି, ରାଉତପଡ଼ା, ଦେଉଳି, ଗୋପୀନାଥପୁର ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ୭ଟି ଟ୍ରକ୍ ଜବତ କରାଯାଇଥିବା ବେଳେ ୪ ଟ୍ରକ୍ ମାଲିକଙ୍କଠାରୁ ଜରିମାନା ଆଦାୟ କରାଯାଇ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି।

# ଖୋର୍ଦ୍ଧାରେ ବଢୁଛି ଚୋରା ବନ୍ଧୁକ କାରବାର

■ ୨ ସପ୍ତାହରେ ୮ ଗିରଫ: ୬ ବନ୍ଧୁକ, ୮ଗୁଳି ଜବତ

■ ବିହାରରୁ ଲମ୍ବିଛି ଚେର, ପୋଲିସ ପାଉନି ଟେର୍

ଖୋର୍ଦ୍ଧା ଅଫିସ, ୨।୩



ଖୋର୍ଦ୍ଧା ସହରରେ ବଢ଼ିଚାଲିଛି ଅପରାଧ। ଗତ ଦୁଇ ସପ୍ତାହ ମଧ୍ୟରେ ପୋଲିସ ବିଭିନ୍ନ ମାମଲାରେ ୧୨ଜଣଙ୍କୁ ଗିରଫ କରିଥିବାବେଳେ ସେମାନଙ୍କଠାରୁ ୬ଟି ବନ୍ଧୁକ, ୮ଗୁଳି, ମାରଣାସ୍ତ୍ର, ଖଣ୍ଡାକାତି, ବୋମା, ବାଇକ, କାର୍ ଜବତ କରିଛି। ଅପରାଧୀମାନେ ଏବେ ବନ୍ଧୁକ ଓ ପିସ୍ତଲ ଅଧିକ ବ୍ୟବହାର କରୁଥିବା କେତୋଟି ଅପରାଧ ଘଟଣାରୁ ଜଣାପଡ଼ିଛି। ବିହାର, ଝାଡଖଣ୍ଡ ପ୍ରଭୃତି ରାଜ୍ୟରୁ ୧୦ରୁ ୧୫ହଜାର ଟଙ୍କାରେ ଚୋରା ବନ୍ଧୁକ କିଣି ସେମାନେ ଅପରାଧ ଘଟାଉଛନ୍ତି। ଚୋରା ବନ୍ଧୁକ କାରବାର ପଛରେ ଏକ ର୍‍ୟାକେଟ କାମ କରୁଛି। ବିଭିନ୍ନ ଗଳାବାଟ ଦେଇ ଚୋରା ବନ୍ଧୁକ ଖୋର୍ଦ୍ଧାରେ ପହଞ୍ଚୁଥିବା ପୋଲିସ ଜାଣିବାକୁ ପାଇଛି। ଏହାକୁ ରୋକିବା ପାଇଁ ପୋଲିସ ତତ୍ପର ହୋଇଉଠିଛି।

ଏ ନେଇ ଏସ୍‌ଡିପିଓ ସୁଶୀଲ ମିଶ୍ର କହିଛନ୍ତି, ଗତବର୍ଷ ୧୦ଟି ବନ୍ଧୁକ ଜବତ ହୋଇଥିଲା। ଚଳିତ ବର୍ଷ ଖୋର୍ଦ୍ଧା ଓ ସଦର ଥାନା ଅଞ୍ଚଳରୁ ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କଠାରୁ ୬ଟି ବନ୍ଧୁକ ଜବତ କରାଯାଇଛି। ଚୋରା ବନ୍ଧୁକ କାରବାରର ଚେର ବିହାର ପର୍ଯ୍ୟନ୍ତ ଲମ୍ବିଛି। କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ, ବ୍ରହ୍ମପୁର ପ୍ରଭୃତି ଅପରାଧପ୍ରବଣ ଅଞ୍ଚଳରେ ଅପରାଧୀମାନେ ଚୋରା ବନ୍ଧୁକ ବ୍ୟବହାର କରୁଛନ୍ତି। ଗିରଫ ଅଭିଯୁକ୍ତମାନେ ଏହି ଚୋରା ବନ୍ଧୁକ କେଉଁଠୁ ଆଣୁଛନ୍ତି, ଏହା ପଛରେ ଅନ୍ୟ କେଉଁମାନଙ୍କ ହାତ ରହିଛି, ଖୋର୍ଦ୍ଧା ସହରକୁ ବନ୍ଧୁକ କିପରି ଆସୁଛି ସେ ନେଇ ଯାଞ୍ଚ ଚାଲିଛି। ପୂର୍ବ ଅପରାଧୀମାନଙ୍କ ତାଲିକା ପ୍ରସ୍ତୁତି ଚାଲିଛି। ଆବଶ୍ୟକ ପଡ଼ିଲେ, ଏକ ସ୍ୱତନ୍ତ୍ର ଟିମ୍ ବାହାର ରାଜ୍ୟକୁ ଯାଇ ଖୋଳତାଡ଼ କରିବ। ଏସ୍‌ପି ରାଜକିଶୋର ଦୋରା ଅପରାଧ ନିୟନ୍ତ୍ରଣ ଉପରେ ଗୁରୁତ୍ୱାରୋପ କରିଛନ୍ତି। ତାଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ କଡ଼ା ପଦକ୍ଷେପ ନେଉଛି।

ସୂଚନାଯୋଗ୍ୟ, ଖୋର୍ଦ୍ଧା ଟାଉନ ଥାନା ପୋଲିସ ପକ୍ଷରୁ ଫେବୃୟାରୀ ୧୨ ଗୁରୁଜଙ୍ଗ ଗୁଳିକାଣ୍ଡରେ ପୋଲିସ ୩ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ୨ଟି ବନ୍ଧୁକ, ୩ଟି ଗୁଳି, ୭ଟି ମୋବାଇଲ ଫୋନ୍ ଏବଂ ଇଣ୍ଡିକା କାର ଜବତ ହୋଇଥିଲା। ସେହିପରି ୧୧ ତାରିଖ ରାତିରେ ଚଣ୍ଡିଚୁଆ ଛକରେ ଡକାୟତି ଯୋଜନା ବେଳେ ପୋଲିସ ୨ଜଣଙ୍କୁ ଧରିଥିଲା। ସେମାନଙ୍କଠାରୁ ଏକ ବନ୍ଧୁକ ଜବତ ହୋଇଥିଲା। ଡିସେମ୍ବର ୮ରେ ଗୁରୁଜଙ୍ଗ ଗୁଳିକାଣ୍ଡରେ ଟାଉନ ଥାନା ପୋଲିସ ଫେବୃୟାରୀ ୨୭ରେ ମୁଖ୍ୟ ଅଭିଯୁକ୍ତ ଦୀପକ କୁମାର ପ୍ରଧାନଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ଗୋଟିଏ ପିସ୍ତଲ ଓ ୨ଟି ଗୁଳି ଜବତ ହୋଇଥିଲା। ମଙ୍ଗଳବାର ଜାତୀୟ ରାଜପଥରେ ଡକାୟତି ଉଦ୍ୟମବେଳେ ୨ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କଠାରୁ ୨ଟି ବନ୍ଧୁକ ଓ ୩ଟି ଗୁଳି ଜବତ କରାଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରାମକୃଷ୍ଣ



@ ତପନ



@ ପିଣ୍ଟୁ



@ ଅଶୋକ



@ ସୁବାସ



@ ଅଚ୍ୟୁତ



@ ଅମିତ

# ୧୩.୨୭ ଲକ୍ଷ କୁଇଣ୍ଟାଲ ଧାନକିଣା ସରିଛି

**ତଥାପି ଥମୁନି ଚାଷୀଙ୍କ ତାତି**

ଖୋର୍ଦ୍ଧା ଅଫିସ,୨।୩

ଖୋର୍ଦ୍ଧା ଜିଲାରେ ଖରିଫ ଧାନକିଣା ଚାଲିଛି। ଲକ୍ଷ୍ୟଧାର୍ଯ୍ୟ ୧୩,୩୦,୯୮୩ କୁଇଣ୍ଟାଲ ଧାନ ମଧ୍ୟରୁ ୧୩,୨୭,୬୫୦ କୁଇଣ୍ଟାଲ ଧାନ ସୋମବାର ସୁଦ୍ଧା କିଣା ସରିଥିବା ଜିଲା ଯୋଗାଣ ବିଭାଗ ସୂତ୍ରରୁ ଜଣାପଡ଼ିଛି। ତେବେ ଗତବର୍ଷ ଏହି ସମୟରେ ୧୦,୪୧,୫୭୯ ଧାନ କିଣାଯାଇଥିଲା। ଚଳିତବର୍ଷ ବାଲିଅନ୍ତା ବ୍ଲକରେ ଧାର୍ଯ୍ୟଲକ୍ଷ୍ୟର ୧,୭୪,୧୫୦ କୁଇଣ୍ଟାଲ ମଧ୍ୟରୁ ୧,୭୩,୨୬୩ କୁଇଣ୍ଟାଲ ଧାନ କିଣାସରିଛି। ବାଲିପାଟଣା ବ୍ଲକରେ ୨.୧ ଲକ୍ଷ ଧାର୍ଯ୍ୟଲକ୍ଷ୍ୟରୁ ୧,୯୭,୧୬୦, ଭୁବନେଶ୍ୱର ବ୍ଲକରେ ୭୯,୯୦୦ କୁଇଣ୍ଟାଲ ଟାର୍ଗେଟ ମଧ୍ୟରୁ ୭୭,୬୧୩, ଜଟଣୀ ବ୍ଲକରେ ୬୪,୨୦୦ କୁଇଣ୍ଟାଲ ଟାର୍ଗେଟ ମଧ୍ୟରୁ ୬୩,୫୯୮, ବେଗୁନିଆ ବ୍ଲକରେ ୧,୬୪,୪୦୦ କୁଇଣ୍ଟାଲ ଟାର୍ଗେଟ ମଧ୍ୟରୁ ୧,୬୩,୨୧୭, ବୋଲଗଡ ବ୍ଲକରେ ୧,୬୦,୬୫୦ କୁଇଣ୍ଟାଲ ଟାର୍ଗେଟ ମଧ୍ୟରୁ ୧,୫୬,୧୯୧, ଟାଙ୍ଗୀ ବ୍ଲକରେ ୧,୨୫,୧୫୦ କୁଇଣ୍ଟାଲ ଟାର୍ଗେଟ ମଧ୍ୟରୁ ୧,୨୪,୧୨୦, ଚିଲିକା ବ୍ଲକରେ ୧,୧୧,୩୫୦ କୁଇଣ୍ଟାଲ ଟାର୍ଗେଟ ମଧ୍ୟରୁ ୧,୦୮,୨୮୧ ଏବଂ ବାଣପୁର ବ୍ଲକରେ ୧,୨୮,୬୫୦ କୁଇଣ୍ଟାଲ ଲକ୍ଷ୍ୟଧାର୍ଯ୍ୟ ମଧ୍ୟରୁ ୧,୨୫,୦୬୧ କୁଇଣ୍ଟାଲ ଧାନ କିଣାସରିଛି। ୩୩,୯୨୦ ଚାଷୀଙ୍କ ଧାନକିଣା ବାବଦକୁ ୨୨୭ କୋଟି ୯୮ଲକ୍ଷ ଟଙ୍କା ଦିଆଯାଇଛି। ପ୍ରକାଶ ଯେ, ଚଳିତ ବର୍ଷ ଜିଲାରେ ୧୬ ଲକ୍ଷ କୁଇଣ୍ଟାଲ ଧାନ କିଣିବା ଲାଗି ପ୍ରଶାସନ ଟାର୍ଗେଟ ରଖିଛି। ବର୍ତ୍ତମାନ ସୁଦ୍ଧା ୧୩ଲକ୍ଷ କୁଇଣ୍ଟାଲ ଧାନ କିଣା ସରିଲାଣି। ମାର୍ଚ୍ଚ ୩୧ ଧାନକିଣାର ଶେଷ ତାରିଖ ରହିଛି। ତେବେ ଟୋକନ ପାଇଥିବା ଚାଷୀଙ୍କଠାରୁ ବିଭିନ୍ନ ଆଳ ଦେଖାଇ ଧାନ କିଣାଯାଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ମଣ୍ଡିରେ ଶତାଧିକ କୁଇଣ୍ଟାଲ ଧାନ ପଡ଼ିରହିଥିବା ବେଳେ ରେକର୍ଡ ସଂଖ୍ୟକ ଧାନ କାହାଠାରୁ କିଣାଯାଇଛି ବୋଲି ଚାଷୀ ପ୍ରଶ୍ନ କରିଛନ୍ତି। ଚାଷୀ ତାଲିକା ଓ ରେକର୍ଡ ଯାଞ୍ଚ କରାଗଲେ ପ୍ରକୃତ ତଥ୍ୟ ପଦାକୁ ଆସିବ ବୋଲି ଚାଷୀନେତା ଶ୍ରୀରଞ୍ଜନ ମଙ୍ଗରାଜ କହିଛନ୍ତି।

**ହନୁମାନ ମନ୍ଦିରରେ ମହାଯଜ୍ଞ**

କଣାସ, (ସ୍ୱ.ପ୍ର.): କଣାସ ବ୍ଲକ ଅଧୀନ ବଡାସ ଗ୍ରାମର ହନୁମାନ ମନ୍ଦିରରେ ସୋମବାରଠାରୁ ସପ୍ତମ ବାର୍ଷିକ ମହାଯଜ୍ଞ ଆରମ୍ଭ ହୋଇଛି। ଏହା ଆସନ୍ତା ୪ତାରିଖ ପର୍ଯ୍ୟନ୍ତ ଚାଲିବ। ପୂର୍ଣ୍ଣାହୁତି କାର୍ଯ୍ୟରେ ଅଞ୍ଚଳର ସମସ୍ତ ଭକ୍ତ ଯୋଗଦେବାକୁ ଗ୍ରମବାସୀ ନିବେଦନ କରିଛନ୍ତି। ପ୍ରତ୍ୟେକ ସନ୍ଧ୍ୟାରେ ରାମଲୀଳା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ଆଜି କ'ଣ କେଉଁଠି

ନିମାପଡ଼ା

- ନିମାପଡ଼ା ଭାଜପା ନଗର ମଣ୍ଡଳ ପକ୍ଷରୁ ବିକ୍ଷୋଭ ଓ ଗଣଧାରଣା, ନିମାପଡ଼ା ତହସିଲ ଅଫିସ ସମ୍ମୁଖ, ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ପିଡି

**କଣାସ, ୨।୩ (ସ୍ୱ.ପ୍ର.):** କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ମଙ୍ଗଳବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) ଦୀପ୍ତିରଞ୍ଜନ ସେନ୍ ଯୋଗଦେଇ କଣାସ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବିଡିଓ ଲୋଚନ ଦାସ, ଅତିରିକ୍ତ ବିଡିଓ ମଙ୍ଗଳସିଂ ହେମ୍ବ୍ରମ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ରୁରାଲ ହାଉସିଂ) ରୋଜାଲିନ ପଣ୍ଡା, ମିହିର କୁମାର ଜେନା, ସହକାରୀ ଯନ୍ତ୍ରୀ ଚନ୍ଦ୍ରମଣି ଖଟେଇ, ସମସ୍ତ ଗ୍ରାମରୋଜଗାର ସେବକ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଗୃହ, ପାର୍କ, ଖେଳ ପଡ଼ିଆ, ଗ୍ରାମ୍ୟ ଲାଇବ୍ରେରି ଗୃହ, ଅଙ୍ଗନୱାଡି କେନ୍ଦ୍ର, ମିଶନଶକ୍ତି ଗୃହ ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ପରେ ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ବିଡିଓ ବିଭିନ୍ନ ପଞ୍ଚାୟତକୁ ଯାଇ ଚାଲିଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ।

### ନିଖୋଜ ଛାତ୍ରୀଙ୍କ ପରିବାରକୁ ଭେଟିଲେ ସିଡିପିଓ

**ଡେଲାଙ୍ଗ,୨।୩(ଡି.ଏନ୍.ଏ.):** ଡେଲାଙ୍ଗ ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀ ନିଖୋଜ ଥିବା ନେଇ ପରିବାରଲୋକ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୪୫/୨୧) ରୁଜୁକରି ତଦନ୍ତ ଚଳାଇଛି। ଏନେଇ ମଙ୍ଗଳବାର ପୁରୀ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଡେଲାଙ୍ଗ ସିଡିପିଓ ହାରାମଣି ନାୟକ, ମିଶନ ଶକ୍ତି ମହିଳା ମହାସଂଘ ସମ୍ପାଦିକା ବାସନ୍ତୀ ସାହୁ ଓ ସୁପର ଭାଇଜର ସଂଘମିତ୍ରା ବେହେରାଙ୍କ ସମେତ ଏକ ପ୍ରତିନିଧି ମଣ୍ଡଳୀ ଛାତ୍ରୀଙ୍କ ପରିବାରଲୋକଙ୍କୁ ଭେଟି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ଥାନାଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକଙ୍କ ସହ ଆଲୋଚନା କରିଥିଲେ। ଥାନାଧିକାରୀ ପଟ୍ଟନାୟକ ଖୁବଶୀଘ୍ର ଅଭିଯୁକ୍ତ ଓ ନିଖୋଜ ଛାତ୍ରୀଙ୍କୁ ଉଦ୍ଧାର କରାଯିବ ବୋଲି ପ୍ରତିନିଧି ମଣ୍ଡଳିଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଛାତ୍ରୀଙ୍କ ମୃତ୍ୟୁ

**ଡେଲାଙ୍ଗ,୨।୩(ଡି.ଏନ୍.ଏ.)-** ଜେନାପୁର ପଞ୍ଚାୟତ ଗୋବିନ୍ଦପୁର ଗ୍ରାମରେ ପାଣି ଗରମ କରିବା ସମୟରେ ଜଣେ +୨ କଲେଜ ଛାତ୍ରୀ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସୋମବାର ମୃତ୍ୟୁବରଣ କରିଛନ୍ତି। ସୂଚନା ଅନୁଯାୟୀ, ଜଗନ୍ନାଥ ବେହେରାଙ୍କ ଭାଣିଜୀ ଲିପ୍‌ସିତା ବେହେରା(୧୬) ଗାଧୋଇବା ପାଇଁ ୱାଟର ହିଟରରେ ପାଣି ଗରମ କରୁଥିଲେ। ଏହି ସମୟରେ ଦେହରେ କରେଣ୍ଟ ଲାଗିଯିବା ପରେ ସେ ଛିଟିକି ପଡ଼ି ଅଚେତ ହୋଇଯାଇଥିଲେ। ଏହା ଦେଖି ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ସାକ୍ଷୀଗୋପାଳ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ପୁରୀ ସରକାରୀ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପୁରୀ ମେଡିକାଲରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଜଗନ୍ନାଥ ଡେଲାଙ୍ଗ ଥାନାରେ ଅଭିଯୋଗ କରିବାପରେ ପୋଲିସ ନଂ.୩/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ପୁସ୍ତକ ଉନ୍ମୋଚିତ

**ଅସ୍ତରଙ୍ଗ,୨।୩(ଡି.ଏନ୍.ଏ.):** ଜାହାନିଆଁ ପୀରଙ୍କ ପୀଠ ପାଟଳଦା ହାଇସ୍କୁଲର ୧୯୮୯ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ଉତ୍ସବ ଓ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପୂର୍ବତନ ପ୍ରଧାନଶିକ୍ଷକ ଅନାଦି ଚରଣ ସ୍ୱାଇଁ ଏବଂ ବରିଷ୍ଠ ଶିକ୍ଷକ ପର୍ଶୁରାମ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୁଇଟି ପୁସ୍ତକ ଭୂମିକା ଓ ରାତିଏ ପ୍ରତୀକ୍ଷା ଆଖିଏ ସ୍ୱପ୍ନ ଉନ୍ମୋଚିତ ହୋଇଥିଲା। ମମତା ଜେନା ଧନ୍ୟବାଦ ଦେଇଥିଲେ। ଛାତ୍ର ପ୍ରଶାନ୍ତ, ଜିତେନ୍ଦ୍ର, ତ୍ରିଲୋଚନ, ଦିଲୀପ, ରାଜକିଶୋର, କ୍ଷତିଶ, ସାଦିକ, ସମୀର, ଛାତ୍ରୀ ମୀନତି, ସ୍ନେହଲତା, ଜିତା, ପାର୍ବତୀ, ଅର୍ଚ୍ଚନା ପ୍ରମୁଖ ଉପସ୍ଥିତ ଥିଲେ।

# ଯାତ୍ରୀଙ୍କ କାମରେ ଲାଗୁନି ନୂତନ ବସ୍‌ଷ୍ଟାଣ୍ଡ

**ନିମାପଡ଼ା,୨।୩ (ଡି.ଏନ୍.ଏ.)**




**ନିର୍ମାଣର ଅଢ଼େଇ ବର୍ଷ ବିତିଲା**
- ଟର୍ମିନାଲ ଓ ଆଲୋକ ବ୍ୟବସ୍ଥା ନାହିଁ
- ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଛି

ପୁରୀ ଜିଲା ନିମାପଡ଼ା ଏନ୍‌ଏସି ପକ୍ଷରୁ ୨କୋଟି ୫୦ଲକ୍ଷ ୩୨ହଜାର ଟଙ୍କା ବ୍ୟୟରେ ନିମାପଡ଼ାରେ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମିତ ହୋଇଛି। ୨୮ସେପ୍ଟେମ୍ବର ୨୦୧୮ରେ ଉଦ୍‌ଘାଟନ ହୋଇ ଲୋକାର୍ପିତ ହୋଇଥିଲା। ଉଦ୍‌ଘାଟନର ଅଢ଼େଇ ବର୍ଷ ପରେ ବି ବସ୍‌ଷ୍ଟାଣ୍ଡ ଯାତ୍ରୀଙ୍କ ହିତରେ ଆସୁ ନ ଥିବା ଜଣାପଡ଼ିଛି। ନିମାପଡ଼ା ରୁଟ୍‌ରେ ପୁରୀ, ଭୁବନେଶ୍ୱର, କାକଟପୁର, ଅସ୍ତରଙ୍ଗ, ନୟାହାଟ, ଚାରିଛକ, ଗୋପ, କୋଣାର୍କ ଆଦି ଅଞ୍ଚଳକୁ ପ୍ରାୟ ୪୫ ଯାତ୍ରୀବାହୀ ବସ୍ ଯାତାୟାତ କରୁଥିବା ବେଳେ ନୂତନ ବସ୍‌ଷ୍ଟାଣ୍ଡରେ ଏଥିରୁ ୯୦ ପ୍ରତିଶତ ବସ୍ ରହୁନାହିଁ। ଅନ୍ୟ କେତୋଟି ବସ୍ ଗୋଟିଏ ଗେଟରେ ପଶି ଅନ୍ୟ ଗେଟରେ ବାହାରି ଯାଉଛନ୍ତି। ବସ୍‌ଗୁଡ଼ିକ ପୂର୍ବଭଳି ପୁରୁଣା ବସଷ୍ଟାଣ୍ଡଠାରେ ମୁଖ୍ୟ ରାସ୍ତା ଅବରୋଧ କରି ଦୀର୍ଘ ସମୟ ଧରି ପାର୍କିଂ ହେଉଛି। ଫଳରେ ଟ୍ରାଫିକ ସମସ୍ୟା ଦେଖାଦେବା ସହ ଯାତାୟାତରେ ଲୋକେ ହଇରାଣ ହେଉଛନ୍ତି।

ନୂତନ ବସଷ୍ଟାଣ୍ଡରେ ବର୍ଷା, ଖରା ଦିନେ ଗାଡ଼ିଗୁଡ଼ିକ ରହଣି ପାଇଁ ଟର୍ମିନାଲ ବ୍ୟବସ୍ଥା ନ ଥିବା, ପାନୀୟ ଜଳ, ପରିଶ୍ରାଗାରର ସୁବ୍ୟବସ୍ଥା ନ ଥିବାରୁ ଏହି ବସଷ୍ଟାଣ୍ଡ ଯାତ୍ରୀଙ୍କ ହିତରେ ଆସିପାରି ନାହିଁ ବୋଲି ଯାତ୍ରୀ ଶ୍ରୀକାନ୍ତ ବାରିକ, ତ୍ରିଲୋଚନ ବିଶ୍ୱାଳ, ରାମଚନ୍ଦ୍ର ଜେନା, ପ୍ରମିଳା ସାହୁ, ପଦ୍ମାବତୀ ବେହେରା ପ୍ରମୁଖ କହିଛନ୍ତି। ବସ୍‌ଷ୍ଟାଣ୍ଡରେ ଟିକେଟ କାଉଣ୍ଟର ଓ ଯାତ୍ରୀ ପ୍ରତିକ୍ଷାଳୟ ଗୃହ ରହିଥିବା ବେଳେ ଉକ୍ତ ଗୃହରେ ସର୍ବଦା ତାଲା ଝୁଲୁଥିବା ଜଣାପଡ଼ିଛି। ବସଷ୍ଟାଣ୍ଡ ପରିସର ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳି ପାଲଟିଛି। ସନ୍ଧ୍ୟା ପରେ ଯାତ୍ରୀ, ଗାଡ଼ି ଚାଳକ ଏଠାକୁ ଆସିବାକୁ ନିରାପଦ ମଣୁ ନାହାନ୍ତି ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ଏନ୍‌ଏନସି କର୍ତ୍ତୃପକ୍ଷ ଓ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ନିମାପଡ଼ା ଘରୋଇ ବସ୍ ମାଲିକ ସଂଘ ସଭାପତି ବିଚିତ୍ରା ନନ୍ଦ ଖଟୋଇ, ଷ୍ଟାଣ୍ଡ ସମ୍ପାଦକ ସରୋଜ ସାହୁ, ବସ ମାଲିକ ସନ୍ତୋଷ ସେନାପତି, ସନ୍ଦୀପ ସ୍ୱାଇଁ, ସୁନିଲ ପରିଜା କହିଛନ୍ତି, ନୂତନ ବସଷ୍ଟାଣ୍ଡରେ ଟର୍ମିନାଲ ବ୍ୟବସ୍ଥା ଏବଂ ଆଲୋକ ବ୍ୟବସ୍ଥା ନ ଥିବାରୁ ବସ୍ ରହଣିରେ ପ୍ରତିବନ୍ଧକ ସୃଷ୍ଟି ହେଉଥିବା କହିଛନ୍ତି। ଅନ୍ୟପଟେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶଶିଭୂଷଣ ମିଶ୍ର କହିଛନ୍ତି, ନୂତନ ବସଷ୍ଟାଣ୍ଡରେ ବସଗୁଡ଼ିକ ରହଣି ପାଇଁ ଖୁବଶୀଘ୍ର ଏନ୍‌ଏସି ପକ୍ଷରୁ ଆନୁସଙ୍ଗିକ ବ୍ୟବସ୍ଥା କରାଯିବା ସହ ଦୃଢ଼ ପକ୍ଷେପ ନିଆଯିବ ବୋଲି କହିଛନ୍ତି।

# 'ପୁରୀବାସୀଙ୍କୁ ଚାରିଦ୍ୱାର ଦେଇ ପ୍ରବେଶ ଅନୁମତି ମିଳୁ'

**ପୁରୀ ଅଫିସ,୨।୩**

ଶ୍ରୀମନ୍ଦିର ଚାରିଦ୍ୱାର ଦେଇ ପୁରୀ ସହରବାସୀଙ୍କୁ ଅନୁମତି ଦେବା ପାଇଁ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଦାବି କରିଛନ୍ତି। କୋଭିଡ୍ କଟକଣା ସମେତ ପୂର୍ବଭଳି ପରିଚୟପତ୍ର ଦେଖାଇ ଚାରିଦ୍ୱାରରେ ପ୍ରବେଶ କରିବାକୁ ଅନୁମତି ଦିଆଯାଉ ବୋଲି ସେ କହିଛନ୍ତି। ପ୍ରତିଦିନ ମହାପ୍ରଭୁଙ୍କ ମଙ୍ଗଳଆଳତି ଓ ବଡ଼ସିଂହାର ବେଶ ଦେଖିବା ପାଇଁ ପୁରୀ ସହରବାସୀ ଶ୍ରୀମନ୍ଦିର ଆସନ୍ତି। ପୁରୀ ପୌରପାଳିକାର ୧୫ଟି ୱାର୍ଡ ଶ୍ରୀମନ୍ଦିର ଚାରିପାଖରେ ରହିଛି। ଚାରିଦ୍ୱାରରେ ପ୍ରବେଶ ଅନୁମତି ନ ଥିବାରୁ ବାଧହୋଇ ପୁରୀ ସହରବାସୀଙ୍କୁ ବୁଲିବୁଲି ସିଂହଦ୍ୱାର ପଟକୁ ଆସିବାକୁ ପଡୁଛି। ସେହିଭଳି ଉଚ୍ଛେଦ କାର୍ଯ୍ୟ ଚାଲୁଥିବାରୁ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଶ୍ରୀମନ୍ଦିର ସମ୍ମୁଖରେ ନାହିଁ ନ ଥିବା ଗହଳି ଦେଖିବାକୁ ମିଳୁଛି। ଜିଲା ପ୍ରଶାସନ ଏହି ସବୁ ପ୍ରସଙ୍ଗକୁ ବିଚାରକୁ ନେଇ ତୁରନ୍ତ ପୁରୀ ସହରବାସୀଙ୍କ ପାଇଁ ଚାରିଦ୍ୱାର ଖୋଲନ୍ତୁ ବୋଲି ବିଧାୟକ ଷଡ଼ଙ୍ଗୀ ଦାବି କରିଛନ୍ତି। ପୁରୀ ସର୍କିଟ ହାଉସ୍‌ରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ଷଡ଼ଙ୍ଗୀ ଏହି ଦାବି ଉତ୍ଥାପନ କରିଛନ୍ତି। ଚାରିଦ୍ୱାରରେ ପ୍ରବେଶ ରହିଲେ, ଶ୍ରୀମନ୍ଦିର ସମ୍ମୁଖରେ ଗହଳି କମିବ। ସେହିପରି ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ କହିଛନ୍ତି, ପୁରୀ ସହରବାସୀ କାର୍ଯ୍ୟକ୍ଷେତ୍ରକୁ ଯିବା ପୂର୍ବରୁ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥାନ୍ତି। ଏଭଳି ସ୍ଥଳେ କେବଳ ସିଂହଦ୍ୱାରରେ ପ୍ରବେଶ ଅନୁମତି ରହିବା ଦ୍ୱାରା ସ୍ଥାନୀୟ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିଭଳି ବୟସ୍କ ଲୋକେ ଚାଲି ଚାଲି ସିଂହଦ୍ୱାର ଦେଇ ପ୍ରବେଶ କରିବା କଷ୍ଟକର ହୋଇପଡୁଛି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଉମାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସାଇକେଲରେ ବୁଲି ସଚେତନ କରୁଛନ୍ତି ୨ ଯୁବକ

**ପୁରୀ ଅଫିସ,୨।୩**


ପୁରୀ ବଡଦାଣ୍ଡରେ ଗୌତମ ଶର୍ମା ଓ ପାରସ ତ୍ୟାଗୀ।

ପ୍ରଦୂଷଣମୁକ୍ତ ଭାରତ ଓ ଫିଟ୍ ଇଣ୍ଡିଆର ସଚେତନତା ବାର୍ତ୍ତା ନେଇ ସାଇକେଲରେ ସାରା ଭାରତ ଭ୍ରମଣ କରୁଛନ୍ତି ମଧ୍ୟପ୍ରଦେଶର ଦୁଇ ଯୁବକ। ମଙ୍ଗଳବାର ଏହି ଯୁବକ ଦ୍ୱୟ ପୁରୀରେ ପହଞ୍ଚିଛନ୍ତି। ସେମାନେ ହେଲେ ଗୌତମ ଶର୍ମା ଓ ପାରସ ତ୍ୟାଗୀ। ଡିସେମ୍ବର ୩୦ରୁ ମଧ୍ୟପ୍ରଦେଶରୁ ଯାତ୍ରା ଆରମ୍ଭକରି ଏହି ଯୁବକ ଦ୍ୱୟ ଅଦ୍ୟାବଧି ୧୦ଟି ରାଜ୍ୟରେ ସଚେତନତା ବାର୍ତ୍ତା ବାଣ୍ଟି ସାରିଲେଣି। ୧୧ ନମ୍ବର ରାଜ୍ୟ ଭାବେ ଓଡ଼ିଶାରେ ସେମାନେ ପାଦ ଦେଇଛନ୍ତି। ଦୁହେଁ ପୁରୀରେ ପହଞ୍ଚିବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଛନ୍ତି। ସୁସ୍ଥ ଶରୀର ଓ ପ୍ରଦୂଷଣମୁକ୍ତ ପରିବେଶ ପାଇଁ ସାଇକେଲ ଚାଳନା ଗୁରୁତ୍ୱପୂର୍ଣ୍ଣ ବୋଲି ଗୌତମ ଓ ପାରସ କହିଛନ୍ତି। ଓଡ଼ିଶା ପରେ ଏମାନେ ବିଶାଖାପାଟଣା, ଆନ୍ଧ୍ରପ୍ରଦେଶ, ଚେନ୍ନାଇ, ଗୋଆ, କେରଳ, ତାମିଲନାଡୁ, ବାଙ୍ଗାଲୋର ଓ ମହାରାଷ୍ଟ୍ର ବୁଲି ନିଜ ରାଜ୍ୟକୁ ଫେରଯିବେ। ପାରସ କହିଛନ୍ତି, ହରିୟାଣା, ଦିଲ୍ଲୀ, ହିମାଚଳପ୍ରଦେଶ, ରାଜସ୍ଥାନ, ଡେରାଡୁନ୍, ଉତ୍ତର ପ୍ରଦେଶ ଓ ବିହାର ବୁଲିସାରିଲୁଣି। ଆସନ୍ତା ୩ମାସ ଭିତରେ ପୁରୀ ଯାତ୍ରା ଶେଷ କରିବାକୁ ଆଶା ରଖିଛୁ। ପୁରା ଭାରତର ବିଭିଧତାକୁ ଅନୁଭବ କରିଛୁ। ସାଇକେଲ ଚଲାଇବାର ମଜା ନିଆରା। ଦିନକୁ ୪ରୁ ୫ କିଲୋମିଟର ସାଇକେଲ ଚାଳନା କରିହେବ। ଏହା ଦ୍ୱାରା ଉଭୟ ପରିବେଶ ସହ ନିଜର ସ୍ୱାସ୍ଥ୍ୟ ଭଲ ରହିବ। ତେଣୁ ସାଇକେଲ ଚାଳନା କରିବାକୁ ଦେଶବାସୀଙ୍କୁ ଅନୁରୋଧ କରୁଛୁ।

## ଜାତୀୟ ଶିକ୍ଷାନୀତି ସମ୍ମିଳନୀ

**ବଲଙ୍ଗା,୨।୩(ଡି.ଏନ୍.ଏ.)**

ବଲଙ୍ଗା ମହାବିଦ୍ୟାଳୟ ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଜାତୀୟ ଶିକ୍ଷାନୀତି ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ତପନ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଡ.ନରେନ୍ଦ୍ର କୁମାର କୌଶିକ ଯୋଗଦେଇଥିଲେ। ଅତିଥିଭାବେ ପ୍ରଫେସର ହେମନ୍ତ ଖଣ୍ଡାଇ, ଡ.ବିଜୟ ମିଶ୍ର ଯୋଗଦେଇଥିଲେ। ସାଲେପୁର, ବରଗଡ଼ର ସୋହେଲା, ଜ୍ଞାନଦୀପ ଡିଗ୍ରୀ କଲେଜ, ନିମାପଡ଼ା, ସୁରଜମଲଶାହା, ଦୟାବିହାର କଣାସ, ଅଡ଼ଶପୁର, ନିଗମାନନ୍ଦ ମହିଳା ଚାରିଛକ ମହାବିଦ୍ୟାଳୟର ବିଭାଗୀୟ ଅଧାପିକା ଅଧ୍ୟାପକ, ଭାରତର ୮ଟି ବିଶ୍ୱବିଦ୍ୟାଳୟର ୧୮ଜଣ ପ୍ରତିଭାଗୀ ଅଂଶଗ୍ରହଣ କରିଥିଲେ। ରାଷ୍ଟ୍ରୀୟ ଶିକ୍ଷାନୀତିର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଥିଲା। ଏହାର ଠିକ୍ ସମନ୍ୱୟ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅଧ୍ୟାପକ ଅଶୋକ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗୀୟ ଅଧ୍ୟାପକ ନୀଳକଣ୍ଠ ମିଶ୍ର, ଅଧ୍ୟାପିକା ସସ୍ମିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଲ୍ଡରଙ୍କ ଚାପରେ ବ୍ୟବସାୟୀଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର,୨।୩ (ବ୍ୟୁରୋ)**

- କରୋନା ଯୋଗୁ ଋଣରେ ବୁଡ଼ି ରହିଥିଲେ
- ମୃତ୍ୟୁ ପୂର୍ବରୁ ଲେଖିଥିଲେ ସୁଇସାଇଡାଲ୍ ନୋଟ୍

ବ୍ୟବସାୟ ପାଇଁ ଲକ୍ଷାଧିକ ଟଙ୍କା ଋଣ କରିଥିଲେ। ହେଲେ କରୋନା ଓ ଲକ୍‌ଡାଉନ ଯୋଗୁ ବ୍ୟବସାୟ ବନ୍ଦ ହୋଇଯାଇଥିଲା। ଫଳରେ ନିଜ ଘରକୁ ବିକ୍ରି କରିବା ପାଇଁ ଜଣେ ବିଲଡରଙ୍କଠାରୁ ଅଗ୍ରୀମ ଟଙ୍କା ଆଣିଥିଲେ। ହେଲେ ଉକ୍ତ ବିଲ୍ଡର ଜଣକ ଉକ୍ତ ଘରେ ତାଲା ପକାଇ ଦେବାରୁ ଶେଷରେ ବ୍ୟବସାୟୀ ଜଣକ ମାନସିକ ଚାପରେ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାର ଏମିତି ଏକ ଘଟଣା ଖାରବେଳନଗର ଥାନା ଅଞ୍ଚଳରେ ଘଟିଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଛି। ମୃତ ବ୍ୟକ୍ତି ଜଣକ ନାମ ରିକି ଓ ତାଙ୍କ ଘର ପୁରୀରେ ବୋଲି ପୋଲିସ ଜାଣିବାକୁ ପାଇଛି। ତାଙ୍କ ଘରୁ ଏକ ସୁଇସାଇଡାଲ୍ ନୋଟ୍ ମିଳିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, ରିକି ପ୍ରେସ୍ କଲୋନୀ ଅଞ୍ଚଳରେ ପୁରୁଣା ଗାଡ଼ି ଓ ହୋଟେଲ ବ୍ୟବସାୟ କରୁଥିଲେ। ତାଙ୍କ ସ୍ତ୍ରୀଙ୍କର ମଧ୍ୟ ଏକ ପାର୍ଲର ରହିଛି। ଏଥିସହିତ ଏୟାରଫିଲ୍ଡ ଅଞ୍ଚଳରେ ତାଙ୍କର ଏକ ଘର ରହିଛି। କରୋନା ସମୟରୁ ଗାଡ଼ି ଓ ହୋଟେଲ ବ୍ୟବସାୟ ଠିକ୍‌ରେ ଚାଲୁ ନ ଥିବାରୁ ସେ ଅତ୍ୟଧିକ ଋଣରେ ବୁଡି ରହିଥିଲେ। ସେ ବିଭିନ୍ନ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା କରଜ କରିଥିଲେ। ସେମାନେ ରିକିଙ୍କୁ ବାରମ୍ବାର ଟଙ୍କା ମାଗୁଥିଲେ। ଶେଷରେ ରିକି ନିଜ ଘର ବିକ୍ରି କରିବାକୁ ଜଣେ ବିଲ୍ଡରଙ୍କ ନିକଟରୁ ୩୫ଲକ୍ଷ ଟଙ୍କା ଅଗ୍ରୀମ ଆଣି କରଜ ଶୁଝିଥିଲେ। ହେଲେ ଘରର କାଗଜପତ୍ରରେ ତ୍ରୁଟି ରହିଥିଲା। ତ୍ରୁଟି ସୁଧାରିବାକୁ ସେ ବିଡିଏ ଅଫିସକୁ ବାରମ୍ବାର ଦୌଡ଼ିଥିଲେ ମଧ କିଛି ସୁଫଳ ମିଳିପାରି ନ ଥିଲା। ଫଳରେ ବିଲ୍ଡର ଜଣକ ତାଙ୍କୁ ଦେଇଥିବା ଟଙ୍କା ଫେରସ୍ତ ଦାବି କରିବା ସହ ନ ପାଇବାରୁ ଉକ୍ତ ଘରେ ତାଲା ପକାଇଦେଇଥିଲେ। ଏଥିରେ ମାନସିକ ଚାପରେ ଆସି ରିକି ଆତ୍ମହତ୍ୟା କରିଥିବା ନେଇ ତାଙ୍କ ପରିବାର ଲୋକେ ଓ ପାଲିସ ସୂଚନା ଦେଇଛି।

# କୋଣାର୍କ ଉପକୂଳରେ ଅଲିଭ୍‌ରିଡଲେଙ୍କ ଅଣ୍ଡାଦାନ

**କୋଣାର୍କ,୨।୩(ଡି.ଏନ୍.ଏ.)**

**୩୭ ବସାରୁ ୪,୧୨୬ ଅଣ୍ଡା ସଂଗ୍ରହ**



ଅଲିଭ୍ ରିଡଲେ କଇଁଛଙ୍କ ଅଣ୍ଡାଦାନ କୋଣାର୍କ ସମୁଦ୍ର ଉପକୂଳରେ ଜାରି ରହିଛି । ମଙ୍ଗଳବାର ସୁଦ୍ଧା ୪,୧୨୬ ଅଣ୍ଡା ସଂଗ୍ରହ କରାଯାଇ ଅସ୍ଥାୟୀ ପ୍ରଜନନ କେନ୍ଦ୍ରରେ ରଖାଯାଇଛି। କଇଁଅପୁର ଅସ୍ଥାୟୀ ପ୍ରଜନନ କେନ୍ଦ୍ରରେ ୨୨ଟି ବସାରେ ୨୫୪୦ ଅଣ୍ଡା ଓ ଚନ୍ଦ୍ରଭାଗା ଅସ୍ଥାୟୀ ପ୍ରଜନନ କେନ୍ଦ୍ରରେ ୧୫ଟି ବସାରେ ୧୫୮୬ ଅଣ୍ଡା ରହିଛି। ଅଲିଭ୍ ରିଡଲେଙ୍କ ଅଣ୍ଡାଦାନ ସୁରକ୍ଷା ପାଇଁ ଚନ୍ଦ୍ରଭାଗା, ରାମଚଣ୍ଡୀ ଓ କଇଁଅପୁର ନିକଟରେ ଅସ୍ଥାୟୀ ପ୍ରଜନନ କେନ୍ଦ୍ର ଖୋଲାଯାଇ ଅଣ୍ଡାଗୁଡ଼ିକ ବିଲୁଆ, କୁକୁରଙ୍କଠାରୁ ରକ୍ଷା କରିବା ପାଇଁ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ଆସନ୍ତା ୪୫ରୁ ୬୦ ଦିନ ମଧ୍ୟରେ ଏହି ଅଣ୍ଡାରୁ ଛୁଆ ଫୁଟିବା ପରେ ସୁରକ୍ଷିତ ଭାବେ କଇଁଛଙ୍କୁ ସମୁଦ୍ରକୁ ଛାଡି ଦିଆଯିବ। ଗତ ବର୍ଷ ତୁଳନାରେ ଏଥର ବିଳମ୍ବରେ ଅଲିଭ୍‌ରିଡଲେ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଚଳିତ ବର୍ଷ ଅଲିଭ୍‌ରିଡଲେ କଇଁଛଙ୍କ ଅଣ୍ଡାଦାନ ବିଳମ୍ବରେ ହୋଇଥିଲେ ମଧ ଏବେ ଅଣ୍ଡା ସଂଖ୍ୟା ବଢ଼ିବ ବୋଲି କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା କହିଛନ୍ତି।

## ୫୫୫ ହେକ୍ଟର ଜମିରେ ମୁଗ, ବିରି ଚାଷ

**କାକଟପୁର,୨।୩(ଡି.ଏନ୍.ଏ.)**

ଚଳିତ ବର୍ଷ କାକଟପୁର ବ୍ଲକ କୃଷି ବିଭାଗ ପକ୍ଷରୁ ୯ଟି ପଞ୍ଚାୟତର ୫୫୫ ହେକ୍ଟର ଜମିରେ ରବି ଫସଲ ବିରି, ମୁଗ କରାଯାଇଥିବା ସହକାରୀ କୃଷି ଅଧିକାରୀ ସୌଭାଗ୍ୟ ମହାନ୍ତି କହିଛନ୍ତି। ଟ୍ରା ଫା ଯୋଜନାରେ ବ୍ଲକର କାକଟପୁର, ବାଙ୍ଗୁରିଗାଁ, ଜଗନ୍ନାଥପଡା, କନ୍ତିମଳା, ସୁହାଗପୁର, ସୁହାଣପୁରରେ ମୋଟ ୩୦୦ ହେକ୍ଟର ଜମିରେ ମୁଗ ଚାଷ କରା ଯାଇଥିବା ବେଳେ ଟ୍ରାଫା(ସ୍କିଲି ଓଭର) ଯୋଜନାରେ କୁଷ୍ଟି ଠାରେ ୧୦୦ ହେକ୍ଟର ଜମିରେ ମୁଗ ଚାଷ କରାଯାଇଛି। କନ୍ତିମଳାରେ ୫୫ ହେକ୍ଟର ଜମିରେ ବିରି ଚାଷ କରାଯାଇଥିବା ବେଳେ ଏନଏଫଏସଏମ ଶସ୍ୟ ଚାଷ ଯୋଜନାରେ ନରୁଆ ସଙ୍କରେଶ୍ୱର, ଭାଣପୁରରେ ୧୦୦ ହେକ୍ଟର ଜମିରେ ଶସ୍ୟ ଜାତୀୟ ଫସଲ ମୁଗ ଚାଷ କରାଯାଇଛି।

**ସରସ୍ୱତୀ ଶିଶୁ ମନ୍ଦିର**
ତେଲଦିଆ, ସୋମପୁର, କଟକ
ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଓ ଶିକ୍ଷାବିକାଶ ସମିତି, ଓଡ଼ିଶାଙ୍କ ସହବନ୍ଧିତ
**ନାମଲେଖା ବିଜ୍ଞାପନ**
ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି କି, ଆମ୍ଭ ଅନୁଷ୍ଠାନରେ ୨୦୨୧-୨୨ ଶିକ୍ଷା ବର୍ଷ ପାଇଁ ନୂତନ ନାମଲେଖା ଆସନ୍ତା ତା୦୧।୦୪।୨୦୨୧ରିଖଠାରୁ ଆରମ୍ଭ ହେବ। ଆଗ୍ରହୀ ଛାତ୍ରଛାତ୍ରୀ ଓ ଅଭିଭାବକ ଶିଶୁମନ୍ଦିର କାର୍ଯ୍ୟାଳୟରୁ ନାମ ଲେଖା ଫର୍ମ ସଂଗ୍ରହ କରି ତା୩୦।୦୪।୨୦୨୧ରିଖ ମଧ୍ୟରେ ନାମଲେଖା ପାଇଁ ଆବେଦନ କରିପାରିବେ। ସରକାରଙ୍କ ଶିକ୍ଷା ଅଧିକାର ଅଧିନିୟମ ୨୦୦୯ ଅନୁଯାୟୀ ପ୍ରଥମ ଶ୍ରେଣୀରେ ପ୍ରବେଶ କ୍ଷମତାର ୨୫% ସ୍ଥାନ ସୁବିଧାରୁ ବଞ୍ଚିତ ଶ୍ରେଣୀ ଓ ଆର୍ଥିକ ଦୁର୍ବଳ ଶ୍ରେଣୀ ଶିଶୁଙ୍କ ପାଇଁ ନିଃଶୁଳ୍କ ଶିକ୍ଷା ନିମନ୍ତେ ସଂରକ୍ଷିତ ରହିଛି। ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଆଗ୍ରହୀ ଛାତ୍ରଛାତ୍ରୀ ଓ ଅଭିଭାବକ ଓଡ଼ିଶା ସରକାରଙ୍କ Website: **https://rteparadarshi.odisha.gov.in** ପରିଦର୍ଶନ କରି Onlineରେ ନାମ ପଞ୍ଜୀକରଣ କରି ଏହି ସୁବିଧା ହାସଲ କରିପାରିବେ। ଏହି ସମ୍ପର୍କରେ ଅଧିକ ସୂଚନା ଆବଶ୍ୟକ କରୁଥିଲେ ଶିଶୁମନ୍ଦିର କାର୍ଯ୍ୟାଳୟ ସହ ଯୋଗାଯୋଗ କରିବା ପାଇଁ ଅନୁରୋଧ।
ପ୍ରଧାନ ଆଚାର୍ଯ୍ୟ/ସମ୍ପାଦକ

# ଅତିଥିଙ୍କୁ ୨ଘଣ୍ଟା ଅଟକ ରଖିଲା ସ୍କୁଲ କମିଟି

**ପୁରୀ ଅଫିସ,୨।୩**

- ପୁରୀ ଜିଲାରେ ୫ ଛାତ୍ରୀନିବାସ ଉଦଘାଟିତ
- ଭୋଲାନାଥ ବିଦ୍ୟାପୀଠରେ ଗଣ୍ଡଗୋଳିଆ ସ୍ଥିତି

ପୁରୀ ଜିଲାରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ୫ଟି ଛାତ୍ରୀନିବାସ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଗୁଡ଼ିକୁ ଭିଡିଓ କନଫରେନ୍ସ କୃଷ୍ଣପ୍ରସାଦ ବ୍ଲକ୍‌ର ବାସୁଦେବ ନୋଡାଲ ହାଇସ୍କୁଲ, ପୁରୀ ସହର ଭୋଲାନାଥ ବିଦ୍ୟାପୀଠ, କଣାସର ଗୋପୀନାଥ ଉଚ୍ଚବିଦ୍ୟାଳୟ, କାକଟପୁରର କାକଟପୁର ବାଳିକା ଉଚ୍ଚବିଦ୍ୟାଳୟ ଓ ଗୁଆଲିପଡ଼ା ସେବାଶ୍ରମରେ ଏହି ଛାତ୍ରୀ ନିବାସ ଉଦଘାଟନ ହୋଇଛି। ତେବେ ମଙ୍ଗଳବାର ଏହି ଉଦଘାଟନ ସମୟରେ ଭୋଲାନଥ ବିଦ୍ୟାପୀଠ ପରିସରରେ ଉଦଘାଟନ ବେଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଉଦଘାଟନୀ ଉତ୍ସବକୁ ଆସିଥିବା ଅତିଥିଙ୍କୁ ସ୍କୁଲ୍ କମିଟି ଦୁଇରୁ ୩ ଘଣ୍ଟା ପାଇଁ ଅଟକ ରଖିଛି। ପ୍ରଧାନଶିକ୍ଷକ ଓ ପରିଚାଳନା କମିଟିର ବିନା ଉପସ୍ଥିତରେ ସ୍କୁଲ ପରିସରରେ ଉଦଘାଟନ ଉତ୍ସବ ହୋଇଥିବା ଅଭିଯୋଗରେ ପରିଚାଳନା କମିଟି ଏଭଳି କରିଛି । ଭୋଲାନାଥ ସ୍କୁଲ୍ ଅଭିଭାବକ ସଂଘ ସଭାପତି ଓ କମିଟି ସଦସ୍ୟ ପ୍ରମୋଦ କୁମାର ଜେନା କହିଛନ୍ତି ଯେ, ମଙ୍ଗଳବାର ସ୍କୁଲ୍ ଶିକ୍ଷୟତ୍ରୀଙ୍କଠାରୁ ଖବର ପାଇବା ପରେ ପରିଚାଳନା କମିଟି ଉଦଘାଟନ ଉତ୍ସବ ପାଇଁ ପ୍ରସ୍ତୁତ ଥିଲା। ଜିଲାପାଳଙ୍କୁ ଅପେକ୍ଷା ମଧ ରହିଥିଲା। ମାତ୍ର କୌଣସି ପୂର୍ବ ସୂଚନା ନଦେଇ ରୋଡ୍ ଓ ବିଲ୍ଡିଂ ମୁଖ୍ୟ ଯନ୍ତ୍ରୀ, ବିଡିଓ, ୱେଲଫେୟାର ଅଫିସର ଭଳି କିଛି ଅଫିସର ଉଦଘାଟନୀ ଉତ୍ସବ କାଯର୍‌ୟ ଶେଷ କରି ସାରିଥିଲେ। ଏହାପରେ ଆମେ ଅପମାନିତ ଅନୁଭବ କରି ସ୍କୁଲ୍ ଗେଟ୍ ତାଲା ପକାଇ ସେମାନଙ୍କୁ ଅଟକ ରଖିଥିଲୁ। ଜିଲାପାଳ ଆସିଲେ ହିଁ ଏମାନଙ୍କୁ ଛଡ଼ା ଯିବ ବୋଲି ଦାବି ରଖାଯାଇଥିଲା। ଘଟଣା ସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ଲାଗି ରହିବା ପରେ ଜିଲା ମୁଖ୍ୟ ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ସେଠାରେ ପହଞ୍ଚି ପରିଚାଳନା କମିଟିକୁ ବୁଝାଶୁଝା କରି ଗେଟ୍ ଖୋଲିଥିଲେ।


ସ୍କୁଲ ପରିସରରେ ଅତିଥିମାନଙ୍କୁ ଅଟକ ରଖାଯାଇଛି।

GOVERNMENT OF ODISHA
OFFICE OF THE SUPERINTENDING ENGINEER
NORTH EASTERN RURAL WORKS CIRCLE, KEONJHAR
Tel.06766-258301 (O), Email ID: se_nerwkjr@rediffmail.com
"e" Procurement Notice for Road Works
No.O-1167:- Identification No. Road Online NCB No.291
No.858 Date:24.02.2021

1. Name of the work: Road work under DMF in the District of Keonjhar. 2. No. of works: 01 (One) No. 3. Estimated cost: As per Annexure in NIT. 4. Class of contractor (Eligible): As per Annexure in NIT. 5. Period of completion : As per Annexure in NIT. 6. Other details:

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in O/o S.E.N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural Works Circle, Keonjhar | Road Online NCB No.291 | Dt.04.03.21 at 11.00 A.M. | Dt.18.03.21 upto 5.00 P.M. | Dt.17.03.21 upto 5.00 P.M. | Dt.19.03.21 at 11.30 A.M. | Will be intimated later |

Further details can be seen from the website: www.tendersorissa.gov.in
OIPR-25048/11/0019/2021 Sd./- P.K. Misra, Superintending Engineer, N.E.R.W. Circle, Keonjhar

GOVERNMENT OF ODISHA
OFFICE OF THE SUPERINTENDING ENGINEER
SOUTHERN CIRCLE, RURAL WORKS, SUNABEDA
email: serwsbd2003@yahoo.com
No.O-1169:- E-Procurement Notice for Road & Bridge works

1. Name of the work : 1) Improvement to Badairukubadi to AP Border Via Kanchamuhi Kopadanga under Inter District Inter Block connectivity (01 No.) 2) Construction of Road from Killar to Dumbaguda Road under DMF (01 No.)
2 Class of contractor : 'B', 'A', Special Class of (Odisha PWD) or relevant class of other licencing authority.
3 Estimated cost : Varies from Rs.132.19 lakhs to Rs.443.20 lakhs (Approximately)
4 Details projects as per Annexure attached :

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works, Southern Circle, Sunabeda | SERWSCSBD-Online-10/2020-21 | 04.03.2021 at 11.00 A.M. | 18.03.2021 upto 5.30 P.M. | 17.03.2021 upto 2.00 P.M. | 19.03.2021 at 11.00 A.M. | To be intimated separetely |

5. The details of NON PMGSY works can be seen from the website https://www.tendersodisha.gov.in
6. Any corrigendum/addendum will be displayed in the above e-tender websites.
OIPR-25045/11/0010/2021 Superintending Engineer, Southern Circle, RW, Sunabeda